ଧରିତ୍ରୀ
DHARITRI
ସୋମବାର, ୧୬ ମେ, ୨୦୨୨



## ସଂକ୍ଷେପରେ

### ବରଦାରେ ବାଦୀପାଲା

**ଢେଙ୍କାନାଳ ଅଫିସ, ୧୫।୫:** ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ବରଦା ଗ୍ରାମ ଦୋଳପଡ଼ିଆ ମଣ୍ଡପରେ ଶନିବାରଠାରୁ ଆଞ୍ଚଳିକ ବାଦୀପାଲା ଶୁଭାରମ୍ଭ ହୋଇଛି। ସରପଞ୍ଚ ଦୀପ୍ତିମୟୀ ବେହେରା, ସମିତିସଭ୍ୟା ଅନ୍ନପୂର୍ଣ୍ଣା ସେଠୀ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିବସରେ ଗାୟକ ବିଜୟ କୁମାର ଓଝା ଏବଂ ସାଥୀ ପାଲା ପରିବେଷଣ କରିଥିଲେ। ସଭାପତି ବିପିନ କୁମାର ସାହୁ, ସମ୍ପାଦକ ଅମୂଲ୍ୟ ନାଥ ଏବଂ ଗ୍ରାମବାସୀ ଏହାକୁ ପରିଚାଳନା କରିଥିଲେ। ସୋମବାର କାର୍ଯ୍ୟକ୍ରମ ଉଦ୍‌ଯାପିତ ହେବ।

### ଦୁର୍ଘଟଣାଗ୍ରସ୍ତ ପ୍ରିୟବ୍ରତଙ୍କ ଗୋଡ଼ କଟାଗଲା



**କାମାକ୍ଷାନଗର, ୧୫।୫ (ଡି.ଏନ.ଏ.):** ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ଆଳତୁମା ଛକ ନିକଟରେ ଶୁକ୍ରବାର ରାତିରେ

**ରେଡ୍‌କ୍ରସ୍ ପକ୍ଷରୁ ଦିଆଗଲା ୩୦ ହଜାର ଟଙ୍କା**

କୋଇଲା ବୋଝେଇ ଟ୍ରକ୍ (ନଂ. ଓଡି ୧୯ ଜି ୬୭୨୩) ଧକ୍କାରେ ଗୁରୁତର ହୋଇଥିବା ପ୍ରିୟବ୍ରତ ପ୍ରଧାନ (୨୧)ଙ୍କ ଗୋଟିଏ ଗୋଡ଼ କଟାଯାଇଛି। କଟକ ବଡ଼ ମେଡିକାଲରେ ତାଙ୍କର ଚିକିତ୍ସା ଚାଲିଥିବାବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଉଦ୍‌ବେଗଜନକ ରହିଥିବା ପରିବାର ଲୋକେ କହିଛନ୍ତି। ଅନ୍ୟପଟେ ଦୁର୍ଘଟଣା ପରେ ଉତ୍ତ୍ୟକ୍ତ ଲୋକେ ଆଳତୁମା ଛକ ନିକଟ ୫୩ନଂ. ଜାତୀୟ ରାଜପଥକୁ ଶନିବାର ଦିନତମାମ ଅବରୋଧ କରି ରଖିଥିଲେ। ଦୁର୍ଘଟଣାଗ୍ରସ୍ତ ଯୁବକଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ଏବଂ ସହର ମଧ ଦେଇ ଦିନବେଳା ଭାରିଯାନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ କରିବା ଦାବିରେ ସେମାନେ ଅଡ଼ି ବସିଥିଲେ। ରାତି ପ୍ରାୟ ସାଢ଼େ ୧୦ଟାରେ ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ, ଏସ୍‌ଡିପିଓ ରଞ୍ଜନ କୁମାର ଦେଓ, ଥାନାଧିକାରୀ ସୁନୀଲ କୁମାର କର, ନଗରପାଳ ଧର୍ମାନନ୍ଦ ପରିଡ଼ା ପ୍ରମୁଖ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ପ୍ରିୟବ୍ରତଙ୍କ ଚିକିତ୍ସା ପାଇଁ ରେଡ୍‌କ୍ରସ୍ ପାଣ୍ଠିରୁ ୩୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ଦୁର୍ଘଟଣା ଘଟାଇଥିବା ଗାଡ଼ି ମାଲିକ ମଧ ସହାୟତାର ହାତ ବଢ଼ାଇଛନ୍ତି। ସେହିପରି ଗ୍ରାମର ବଦାନ୍ୟ ବ୍ୟକ୍ତି ତାଙ୍କ ଚିକିତ୍ସା ପାଇଁ ଆଗେଇ ଆସିଛନ୍ତି। ସୂଚନାଯୋଗ୍ୟ, ପ୍ରିୟବ୍ରତ ଏକ ଔଷଧ ଦୋକାନରେ କାମ କରୁଥିଲେ। ଉକ୍ତ ଟ୍ରକ୍ ତାଳଚେରରୁ କୋଇଲା ବୋଝେଇ କରି ଜାତୀୟ ରାଜପଥ ୫୩ରେ କାମାକ୍ଷାନଗର ଦେଇ ଡୁବୁରି ଯାଉଥିବାବେଳେ ଆଳତୁମା ଛକ ନିକଟରେ ବିପରୀତ ଦିଗରୁ ଘରକୁ ଫେରୁଥିବା ପ୍ରିୟବ୍ରତଙ୍କ ବାଇକ୍ (ନଂ. ଓଡି ୦୬ ଇ ୩୪୯୪) ଉପରେ ଚଢ଼ି ଯାଇଥିଲା।

# କନ୍ୟାବେଡ଼ାବାସୀ କଲବଲ

**ବଅଁରପାଳ, ୧୫।୫(ଡି.ଏନ୍.ଏ.)**

ଗ୍ରାମବାସୀ ହାତପାଆନ୍ତାରେ ଯେପରି ପାନୀୟଜଳ ପାଇପାରିବେ ସେଥିଲାଗି ବିଛାଯାଇଛି ପାଇପ୍। ନିର୍ମାଣ ହୋଇଛି ଷ୍ଟାଣ୍ଡ୍‌ପୋଷ୍ଟ। ହେଲେ ନା ଆସୁଛି ପାଣି, ନା ମେଣ୍ଟୁଛି ଲୋକଙ୍କ ଶୋଷ। ଦିନେ ନୁହେଁ କି ଦୁଇଦିନ ଏହି ସମସ୍ୟା ଦୀର୍ଘ ୧୦ ବର୍ଷର। ଖାଲି ଏତିକି ନୁହେଁ, ଭୂତଳ ଜଳ ରସାତଳକୁ ଚାଲିଯାଇଥିବାରୁ ନଳକୂପଗୁଡ଼ିକ ଅଚଳପ୍ରାୟ। ପାଣି ସଂଗ୍ରହରେ ବିତିଯାଉଛି ଘଣ୍ଟା ଘଣ୍ଟା। ଫଳରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ସମୟରେ ପାଣି ମୁନ୍ଦାଏ ପାଇଁ କଲବଲ ହେଉଛନ୍ତି ଅନୁଗୋଳ ଜିଲା ବଅଁରପାଳ ବ୍ଲକ କନ୍ୟାବେଡା ଗ୍ରାମର ୪୦୦ରୁ ଊର୍ଦ୍ଧ୍ୱ ପରିବାରର ପ୍ରାୟ ୧୨୦୦ ଲୋକ।

ଉହ ଉହ ଖରା। ବାହାରକୁ ବାହାରିଲେ ପୋଡ଼ିଯାଉଛି ଦେହମୁଣ୍ଡ। ଝାଞ୍ଜି ଆଉ ତତଲା ପବନରେ ସନ୍ତୁଳି ହେଉଛନ୍ତି ସଭିଏଁ। ଚଳିତବର୍ଷ ତାପମାତ୍ରାରେ ଏଭଳି ଅସ୍ୱାଭାବିକ ବୃଦ୍ଧି ସବୁ ରେକର୍ଡ ଭାଙ୍ଗିଦେଇଥିବାବେଳେ କନ୍ୟାବେଡ଼ା ଗ୍ରାମରେ ଜଳକଷ୍ଟ ଉତ୍କଟ ରୂପ ଧାରଣ କରିଛି। ଗ୍ରାମବାସୀଙ୍କ କହିବା କଥା, ସୁବିଧାରେ ପାନୀୟ ଜଳ ଯୋଗାଣ ପାଇଁ ୧୦ବର୍ଷ ତଳେ ଗ୍ରାମ୍ୟ ଜଳଯୋଗାଣ ବିଭାଗ ପକ୍ଷରୁ ପାଇପ୍ ବିଛାଯିବା ସହିତ ପ୍ରମୁଖ ସ୍ଥାନରେ ନିର୍ମାଣ କରାଯାଇଥିଲା ୧୨ଟି ଷ୍ଟାଣ୍ଡ୍‌ପୋଷ୍ଟ। ଲୋକାର୍ପଣର କିଛିଦିନ ଯାଏ ସ୍ୱାଭାବିକ ଭାବେ ପାଣି ଯୋଗାଣ ମଧ ହୋଇଥିଲା। ତେବେ ପରବର୍ତ୍ତୀ ସମୟରେ ଏହା ବନ୍ଦ ହୋଇଯାଇଛି। ଗ୍ରାମଠାରୁ ପ୍ରାୟ ଦେଢ଼ କିମି ଦୂର କୁରୁଡୁଲ ପ୍ରକଳ୍ପରୁ କନ୍ୟାବେଡାକୁ ଜଳଯୋଗାଣ ଲାଗି ବ୍ୟବସ୍ଥା କରାଯାଇଥିଲା। ତେବେ ବୈଷୟିକ ତ୍ରୁଟି ଯୋଗୁ ତଳମୁଣ୍ଡରେ ପାଣି ପହଞ୍ଚୁ ନ ଥିବା ଜଣାପଡ଼ିଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ବିଭାଗୀୟ ଅଧିକାରୀ ଏହାର ସମାଧାନ ଦିଗରେ ଦୃଷ୍ଟି ଦେଉନାହାନ୍ତି। ସେହିପରି ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହରେ ଭୂତଳ ଜଳସ୍ତର ହ୍ରାସ ପାଉଛି। ଫଳରେ ଗ୍ରାମରେ ଥିବା ୮ ନଳକୂପରୁ ଆବଶ୍ୟକତା ଅନୁଯାୟୀ ପାଣି ବାହାରୁନାହିଁ। କେତେକ ନଳକୂପରୁ ଲୁହା ଗୁଣ୍ଡମିଶା ପାଣି ବାହାରୁଥିବାବେଳେ ତାହା ବ୍ୟବହାର ଉପଯୋଗୀ ହେଉନାହିଁ। ଦୈନନ୍ଦିନ ଆବଶ୍ୟକତା ମେଣ୍ଟାଇବା ପାଇଁ ଗ୍ରାମବାସୀ ଦୀର୍ଘପଥ ଅତିକ୍ରମ କରି ପାଣି ସଂଗ୍ରହ କରୁଛନ୍ତି। ଖରାଦିନେ ଜଳକଷ୍ଟର ଶିକାର ଗ୍ରାମକୁ ଟ୍ୟାଙ୍କର ଯୋଗେ ପାଣି ପହଞ୍ଚାଇବା ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ରହିଥିଲେ ମଧ ତାହାକୁ ପ୍ରଶାସନ ଅଣଦେଖା କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନ କରାଯିବ ବୋଲି ଜଳକଷ୍ଟର ସମ୍ମୁଖୀନ ହେଉଥିବା ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

ଏ ସଂକ୍ରାନ୍ତରେ ବିଡିଓ ଏଲିଜା ମିଶ୍ର କହିଛନ୍ତି, ଗ୍ରାମରେ ପାନୀୟ ଜଳସଙ୍କଟ ଲାଗି ରହିଥିବା ଅଭିଯୋଗ ହୋଇଛି। ଯେପରି ଲୋକଙ୍କ ପାନୀୟ ଜଳ ଆବଶ୍ୟକତା ମେଣ୍ଟିବ, ସେଥିଲାଗି ଉଦ୍ୟମ କରାଯାଉଛି। ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇ ସମସ୍ୟାର ତୁରନ୍ତ ସମାଧାନ କରାଯିବ।



ନଳକୂପରୁ କମ୍ ପାଣି ଆସୁଛି।

- ଜଳସଙ୍କଟରେ ୧୨୦୦ ଲୋକ
- ୧୦ ବର୍ଷ ହେଲା ପାଇପ୍ ପାଣି ବନ୍ଦ
- ନଳକୂଅ ପାଖରେ ବିତୁଛି ଦିନ



ଅଚଳ ପଡ଼ିଥିବା ଷ୍ଟାଣ୍ଡପୋଷ୍ଟ।

**ପାଇପ୍ ପାଣି ସ୍ୱପ୍ନ ପାଲଟିଛି**



“ଗ୍ରାମବାସୀଙ୍କ ପାଇଁ ପାଇପ୍ ପାଣି ସ୍ୱପ୍ନ ପାଲଟିଛି। ଗ୍ରାମ ପାଇଁ ସ୍ୱତନ୍ତ୍ର ଭାବେ ପାନୀୟ ଜଳ ପ୍ରକଳ୍ପ କରାଗଲେ ୪୦୦ରୁ ଊର୍ଦ୍ଧ୍ୱ ପରିବାର ଉପକୃତ ହୋଇପାରନ୍ତେ।

-ତ୍ରିନାଥ ସାହୁ, ଗ୍ରାମବାସୀ

**ମହିଳାମାନେ ହୀନସ୍ତା ହେଉଛନ୍ତି**



“ପାଣି ମୁନ୍ଦାଏ ପାଇଁ ୧୨୦୦ ଲୋକ ପ୍ରତିଦିନ କଷ୍ଟ ଭୋଗୁଛୁ। ପାଣି ସଂଗ୍ରହ ପାଇଁ ଦୂରକୁ ଯିବାକୁ ପଡୁଛି। ଏଥିଲାଗି ମହିଳାମାନେ ହୀନସ୍ତା ହେଉଛନ୍ତି।

-ପ୍ରଫୁଲ୍ଲ ସାହୁ, ଗ୍ରାମବାସୀ

**କାମରେ ଆସୁନି ଲୁହାଗୁଣ୍ଡ ମିଶା ପାଣି**



“ଘଣ୍ଟାଏପରେ ନଳକୂପରୁ ପାଣି ବାହାରୁଛି। ତାହା ପୁଣି ଲୁହାଗୁଣ୍ଡମିଶା। ଏଥିରେ ଚାଉଳ, ଡାଲି ଠିକ୍ ଭାବେ ସିଝୁନାହିଁ। ପାଣି ପାଇଁ ସବୁଦିନ ସଂଘର୍ଷ କରିବାକୁ ପଡୁଛି।

-ସବିତା ବେହେରା, ଗ୍ରାମବାସୀ

### ବେଆଇନ ଲିଚି କାରଖାନାରେ ଚଢ଼ାଉ

**ଅନୁଗୋଳ ଅଫିସ,୧୫।୫**

ତାଳଚେର ଥାନା ହାଟତୋଟା କାଳୀ ମନ୍ଦିର ନିକଟରେ ଥିବା ଏକ ବେଆଇନ ଲିଚି କାରଖାନାରେ ପୋଲିସ ଚଢ଼ାଉ କରି ଅପମିଶ୍ରଣ ଖାଦ୍ୟ ସାମଗ୍ରୀ ସମେତ ଲିଚି ଜବତ କରିଛି। ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଘଟଣାରୁ ଜଣାପଡ଼ିଛି, ଗତ ୬ ତାରିଖରେ ତାଳଚେର ଥାନା ଆଇଆଇସି ଶ୍ରୀନିବାସ ସେଠୀଙ୍କୁ ଉକ୍ତ ବେଆଇନ ଲିଚି କାରଖାନା ସମ୍ପର୍କରେ ଖବର ମିଳିଥିଲା। ରବିବାର ପୋଲିସ ପକ୍ଷରୁ ସେଠାରେ ଚଢ଼ାଉ କରାଯାଇଥିଲା। ପୋଲିସ ସହ ଅନୁଗୋଳ ଖାଦ୍ୟ ସୁରକ୍ଷା ଅଧିକାରୀ ଉପସ୍ଥିତ ଥିଲେ। ଉକ୍ତ ଘରେ ଦୀର୍ଘଦିନ ଧରି ବେଆଇନ ଭାବେ ଅପମିଶ୍ରିତ ପାନୀୟ ସାମଗ୍ରୀ ତିଆରି ହୋଇଆସୁଥିଲା। ପରେ ଏହାକୁ ବାଜରରେ ବିକ୍ରି କରାଯାଉଥିଲା।



ଚଢ଼ାଉ ବେଳେ ୧୩୮୦ ଲିଚି ବୋତଲ, ପ୍ଲାଷ୍ଟିକ ଜାର, ୧୫୦୦ ପ୍ଲାଷ୍ଟିକ ବୋତଲ, ଗୋଟିଏ ଓଜନ ମେଶିନ, ୨୦ ପାଣି ଭର୍ତ୍ତି ଜାର, ଆଲୁମିନିୟମ ବାଲ୍‌ଟି, ଗୋଟିଏ ପାଣି ଭର୍ତ୍ତି ଷ୍ଟିଲ ଡ୍ରମ, ୧୦୦୦୦ ପ୍ଲାଷ୍ଟିକ ଷ୍ଟ୍ର ପାଇପ ଆଦି ସାମଗ୍ରୀ ଜବତ କରାଯାଇଛି। ଉକ୍ତ କାରଖାନା କର୍ତ୍ତୃପକ୍ଷଙ୍କ ନିକଟରେ ଖାଦ୍ୟ, ବ୍ୟବସାୟ, ପ୍ୟାକେଜିଂ ଆଦି ନିମନ୍ତେ କୌଣସି ଲାଇସେନ୍ସ ନ ଥିବା ପୋଲିସ କହିଛି। ଏ ନେଇ ନଂ. ୩୦୨/୨୨ରେ ଏକ ମାମଲା ରୁଜୁ କରାଯାଇଛି।

# ଅଭିଯୋଗ ଶୁଣିଲେ ଏମ୍‌ପି

**ପରଜଙ୍ଗ, ୧୫।୫(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ରବିବାର ଜନ ଅଭିଯୋଗାଣ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏମ୍‌ପି ମହେଶ ସାହୁ ଯୋଗଦେଇ ପଞ୍ଚାୟତବାସୀଙ୍କ ସମସ୍ୟା ଶୁଣିଥିଲେ। ସ୍ଥାନୀୟ ପଞ୍ଚାୟତ ପ୍ରତିନିଧି ଏବଂ ଦଳୀୟକର୍ମୀମାନେ ନିଜ ଅଞ୍ଚଳର ଅଭାବ ଅସୁବିଧା ସମ୍ପର୍କରେ ଏମ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସ୍ୱାସ୍ଥ୍ୟସେବା, ପାନୀୟ ଜଳ, ରାସ୍ତାଘାଟ ସମସ୍ୟା ନେଇ ଲିଖିତ ଅଭିଯୋଗ କରାଯାଇଥିଲା।

ଶିବିରରେ ଏମ୍‌ପିଙ୍କ ପ୍ରତିନିଧି ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅକ୍ଷୟ ବେହେରା, ଜିଲା ପରିଷଦ ସଦସ୍ୟ ନିରାକାର ପ୍ରଧାନ, ଅଶୋକ ବେହେରା, ବ୍ଲକ ବିଜେଡି ସଭାପତ ତଥା ସରାଙ୍ଗ ସରପଞ୍ଚ କୃଷ୍ଣଚନ୍ଦ୍ର ମହାନ୍ତି, କଙ୍କଡ଼ାହାଡ଼ ବ୍ଲକର ପୂର୍ବତନ ଅଧ୍ୟକ୍ଷ ତଥା ସମିତିସଭ୍ୟ କାର୍ତ୍ତିକ ସାହୁ, ମୀନକେତନ ସାମଲ, ଦିଲୀପ ବର୍ମା, ଜମ୍ବେଶର ବର୍ମା, ପ୍ରେମାନନ୍ଦ ସାହୁ, ପରଜଙ୍ଗ ସରପଞ୍ଚ ଗାୟତ୍ରୀ ମହାପାତ୍ରଙ୍କ ସମେତ ଶତାଧିକ ଅଞ୍ଚଳବାସୀ ଉପସ୍ଥିତ ରହି ଅଞ୍ଚଳର ବିକାଶ ନେଇ ନିଜସ୍ୱ ମତ ଉପସ୍ଥାପନ କରିଥିଲେ। ଏହା ପରେ ଏମ୍‌ପି ଦଳୀୟ କାର୍ଯ୍ୟକର୍ତ୍ତା ସହିତ ସାଆନ୍ଦା ଅଞ୍ଚଳ ପରିଦର୍ଶନ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବିଷୟରେ ଆଲୋଚନା କରିଥିଲେ।



ଜନଶୁଣାଣି ଶିବିରରେ ଏମ୍‌ପିଙ୍କ ସମେତ ଅନ୍ୟମାନେ।




# ଆଜିଠାରୁ ଅନ୍ତର୍ଜାତୀୟ ସଂଗ୍ରହାଳୟ ମହୋତ୍ସବ

**ଢେଙ୍କାନାଳ ଅଫିସ, ୧୫।୫**

ଛାତ୍ରୀଛାତ୍ର ଓ ଜନସାଧାରଣଙ୍କ ମଧ୍ୟରେ ବିଜ୍ଞାନକୁ ଲୋକପ୍ରିୟ କରିବା ପାଇଁ ଢେଙ୍କାନାଳ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅନ୍ତର୍ଜାତୀୟ ସଂଗ୍ରହାଳୟ ମହୋତ୍ସବ ଆୟୋଜିତ ହେବ। ଏହି କାର୍ଯ୍ୟକ୍ରମ ୧୬ ତାରିଖ (ସୋମବାର)ଠାରୁ ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। ମହୋତ୍ସବରେ ଚିତ୍ରାଙ୍କନ, ଅନଲାଇନ କୁଇଜ୍, ବିଜ୍ଞାନ ଖେଳ, ପ୍ରକଳ୍ପ ତିଆରି କର୍ମଶାଳା, ସ୍ୱତନ୍ତ୍ର ବିଜ୍ଞାନ ପ୍ରଦର୍ଶନୀ, ମହାକାଶ ପର୍ଯ୍ୟବେକ୍ଷଣ କାର୍ଯ୍ୟକ୍ରମ, ଭ୍ରାମ୍ୟମାଣ ବିଜ୍ଞାନ ପ୍ରଦର୍ଶନୀ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଉପରେ ବିଭିନ୍ନ ପ୍ରଦର୍ଶନୀ ଏବଂ ପ୍ରତିଯୋଗିତାର ଅୟୋଜନ କରାଯାଇଛି। ଏଥିରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ ପରିଦର୍ଶକଙ୍କ ପାଇଁ ପ୍ରବେଶ ଫି’ ଛାଡ଼ କରାଯାଇଛି। ସେହିପରି ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଏବଂ ଅନାଥ ଆଶ୍ରମର ଅନ୍ତେବାସୀଙ୍କ ପାଇଁ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯିବ। ତେବେ ଏହାର ସୁଯୋଗ ନେବାକୁ ଶିକ୍ଷାନୁଷ୍ଠାନଗୁଡ଼ିକୁ ପୂର୍ବରୁ ବୁକିଂ କରିବାକୁ ପଡ଼ିବ ବୋଲି ଜିଲା ବିଜ୍ଞାନ କେନ୍ଦ୍ର ଅଧିକାରୀ ମଥୁରୀ ମୋହନ ରାଉତ ସୂଚନା ଦେଇଛନ୍ତି।




# ଗୁରୁ ଯାମିନୀ ରଞ୍ଜନଙ୍କୁ ‘ନୃତ୍ୟାଙ୍ଗନା ସମ୍ମାନ’



ଗୁରୁ ଯାମିନୀ ରଞ୍ଜନ ଦାସଙ୍କୁ ନୃତ୍ୟାଙ୍ଗନା ସମ୍ମାନ ପ୍ରଦାନ କରାଯାଉଛି।

**ଢେଙ୍କାନାଳ ଅଫିସ୍, ୧୫।୫**

ଢେଙ୍କାନାଳର ସାଂସ୍କୃତିକ ଅନୁଷ୍ଠାନ ‘ନୃତ୍ୟାଙ୍ଗନା’ ପକ୍ଷରୁ ସ୍ଥାନୀୟ ଗୋପବନ୍ଧୁ ଟାଉନ୍ ହଲ ପରିସରରେ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି ୭ମ ‘ନୃତ୍ୟାଙ୍ଗନା ସମ୍ମାନ ଉତ୍ସବ’। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣ, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ଡ. ଭବାନୀ ଶଙ୍କର ମିଶ୍ର, ପୌର ପରିଷଦ ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର କୁଅଁର, ସାମାଜିକ କର୍ମୀ ସୁନୀଲ କୁମାର ଦାଶ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଶିଷ୍ଟ ଶାସ୍ତ୍ରୀୟ ସଙ୍ଗୀତ ଗୁରୁ ଯାମିନୀ ରଞ୍ଜନ ଦାସଙ୍କୁ ‘ନୃତ୍ୟାଙ୍ଗନା ସମ୍ମାନ’ରେ ସମ୍ମାନିତ କରାଯାଇଥିଲା।

ଅନୁଷ୍ଠାନର ସଭାନେତ୍ରୀ ମୋନାଲିସା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ପାଦିକା ଆଲୋକରାଣୀ ସ୍ୱାଇଁ ବିବରଣୀ ପାଠ କରିଥିଲେ। ଗୁରୁ ସୁବାସ ଚନ୍ଦ୍ର ସ୍ୱାଇଁ, ଶାଶ୍ୱତୀ ସାହୁ, ରୁପାଲି ପଣ୍ଡା, ନିବେଦିତା ସିଂ, କେବେରୀ ପ୍ରିୟଦର୍ଶିନୀ, ଦୀପ୍ତୀଶ ଶତପଥୀଙ୍କ ନିର୍ଦ୍ଦେଶନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଡ. ଶମ୍ଭୁଦତ୍ତ ସ୍ୱାଇଁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶନିବାର ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ବିଶିଷ୍ଟ ନାଟ୍ୟକାର ଦିଲୀଶ୍ୱର ମହାରଣା, ସାମାଜିକ କର୍ମୀ ସୁନୀଲ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଗୁରୁ ସୁବାସ ଚନ୍ଦ୍ର ସ୍ୱାଇଁ ଉପସ୍ଥିତ ଥିଲେ।

**୭ମ ନୃତ୍ୟାଙ୍ଗନା ସମ୍ମାନ ଉତ୍ସବ**



ଆୟୋଜିତ ଓଡ଼ିଶୀ ନୃତ୍ୟ କାର୍ଯ୍ୟକ୍ରମ।

## ସଂକ୍ଷେପରେ

### ପ୍ରଧାନମନ୍ତ୍ରୀ ରିସର୍ଚ୍ଚ ଫେଲୋଶିପ୍ ପାଇବେ ସମୀର

ପଦ୍ମପୁର, ୧୫।୫ (ଡି.ଏନ.ଏ.)- ପିଲାଟି ଦିନରୁ ଜଣେ ମେଧାବୀ ଛାତ୍ର ଥିଲେ। ନିଜେ ଭଲ ପାଠ ପଢ଼ିବା



ସହ ଅନ୍ୟ ପିଲାମାନଙ୍କୁ ପଢ଼ାଉଥିଲେ। ବିଜ୍ଞାନ ପ୍ରତି ଥିଲା ତାଙ୍କର ଅହେତୁକ ଦୁର୍ବଳତା। ସେ ହେଲେ ବାସୁଦେବପୁର ବ୍ଲକ ଲୁଙ୍ଗା ଗ୍ରାମର ସତ୍ୟସୁନ୍ଦର ନାୟକଙ୍କ ପୁଅ ସମୀର। ମାଟ୍ରିକରେ ଲୁଙ୍ଗା ଉଚ୍ଚ ବିଦ୍ୟାଳୟରୁ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ। ଭଦ୍ରକ ମହାବିଦ୍ୟାଳୟରେ ଯୁକ୍ତ ୨ ବିଜ୍ଞାନ, ବିଜେବି କଲେଜରେ ଯୁକ୍ତ ୩ ବିଜ୍ଞାନ, ଏସ୍ଏସ୍‌ସି ଆଇଆଇଟି ମାଡ୍ରାସରେ ପଢ଼ି ଏବେ ରସାୟନ ବିଜ୍ଞାନରେ ପିଏଚ୍‌ଡି କରୁଛନ୍ତି। ଗତ କୋଭିଡ୍ ସମୟରେ ସେ ନିଜ ଅଞ୍ଚଳର ବହୁ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରି ଚର୍ଚ୍ଚିତ ହୋଇଥିଲେ। ଏବେ ଦେଶର ସମ୍ମାନଜନକ ପ୍ରଧାନମନ୍ତ୍ରୀ ରିସର୍ଚ୍ଚ ଫେଲୋଶିପ୍ ପାଇଁ ସେ ଯୋଗ୍ୟ ବିବେଚିତ ହୋଇଥିବା ମାଡ୍ରାସ ବୈଷୟିକ ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ତାଙ୍କର ଏହି ସଫଳତା ପାଇଁ ଅଞ୍ଚଳବାସୀ ଶୁଭେଚ୍ଛା ଜଣାଇଛନ୍ତି।

### ଚୋରି ଅଭିଯୋଗରେ ଯୁବକ ଗିରଫ

ସୋର, ୧୫।୫(ଡି.ଏନ.ଏ.)-ସୋର ପୌରପରିଷଦ କମରପୁର ଅନ୍ନପୂର୍ଣ୍ଣା ମିଲ ପରିସରରେ ଏକ ବାହାଘର ଭୋଜି ସରିଯିବା ପରେ ଟେଣ୍ଟ ଭିତରେ ପଶି ଚୋରି କରୁଥିବା ଜଣେ ଯୁବକଙ୍କୁ ଧରି ସ୍ଥାନୀୟ ଲୋକେ ପୋଲିସ ଜିମା ଦେଇଛନ୍ତି। ପୋଲିସ୍ ଏହି ମାମଲାରେ ଯୁବକଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଥିଲା। କମରପୁର ଗ୍ରାମର ଶ୍ୟାମ ମୁର୍ମୁ(୨୫)ଙ୍କ ବାହାଘର ସରିଯିବା ପରେ ବିଳମ୍ବିତ ରାତିରେ ଟେଣ୍ଟ ଭିତରେ ପଶି ଉକ୍ତ ଯୁବକ ୪ଟି ଫ୍ୟାନ, ୨ଟି ଲାଇଟ ଚୋରି କରି ନେଇଯାଇଥିଲେ। ଏହାପରେ ପୁଣି ଜିନିଷ ଚୋରି କରିବାକୁ ଆସି ନେଇଥିବା ବେଳେ ଘର ଲୋକେ ଦେଖିନେଇ ନିସ୍ତୁକ ମାଡ଼ମାରି ପୋଲିସ ଜିମା ଦେଇଥିଲେ। ପୋଲିସ ଏହାର ତଦନ୍ତ କରି ଶ୍ୟାମଙ୍କ ଘରୁ ଫ୍ୟାନ ଏବଂ ଲାଇଟ୍ ଜବତ କରିବା ସହିତ ଗିରଫ କରି ରବିବାର କୋର୍ଟଚାଲାଣ କରିଛି।

### ସାପ କାମୁଡ଼ାରେ ମହିଳା ମୃତ

ପାଟଣା,୧୫।୫(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ଡୁମୁରିଆ ପଞ୍ଚାୟତ ଉପାନ୍ତ ଅଞ୍ଚଳ ତଣ୍ଡ ଗ୍ରାମ ବେଙ୍ଗେଇ ତଳ ସାହିରେ ସାପ କାମୁଡ଼ାରେ ଜଣେ ମହିଳାଙ୍କ ରବିବାର ମୃତ୍ୟୁ ଘଟିଛି। ମୃତା ମହିଳା ହେଲେ ପୁଟି ମୁଣ୍ଡା।

### ମହିଳାଙ୍କୁ ହତ୍ୟା ଧମକ ଅଭିଯୋଗ: ଜଣେ ଗିରଫ

କୁଳିଅଣା,୧୫।୫(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା କୁଳିଅଣା ଥାନା ଅଞ୍ଚଳରେ ସନ୍ଧ୍ୟାରାଣୀ ବେହେରା ନାମ୍ନୀ ମହିଳାଙ୍କୁ ଶନିବାର ରାତିରେ ଆକ୍ରମଣ କରିବା ସହ ହତ୍ୟା ଧମକ ଦେବା ଅଭିଯୋଗରେ ପୋଲିସ ତିତିରି ଗ୍ରାମର ଜଡେନ ବେହେରାଙ୍କୁ ଗିରଫ କରିଛି। ପୋଲିସ ଏକ ମାମଲା (ନଂ.୭୮/୨୨) ରୁଜୁ କରି ରବିବାର ତାଙ୍କୁ କୋର୍ଟଚାଲାଣ କରିଛି।

### ନବନିର୍ବାଚିତ ଲୋକ ପ୍ରତିନିଧି ସମ୍ବର୍ଦ୍ଧିତ

ପାଟଣା,୧୫।୫(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ଡୁମୁରିଆ ପଞ୍ଚାୟତ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ଭୀମକୁଣ୍ଡ ଠାରେ ରବିବାର ପାଟଣା ନିର୍ବାଚନ ମଣ୍ଡଳୀର ବିଜେଡି ସମର୍ଥନରେ ନବ ନିର୍ବାଚିତ ଲୋକପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଆୟୋଜିତ ସଭାକୁ ବିଜେଡି ଜିଲା କୃଷକ ସଭାପତି ଦୀପକ ରାଜଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ ପାଟଣା ବିଧାୟକ ତଥା ଜିଲା ଯୋଜନା କମିଟି ସଭାପତି ଜଗନ୍ନାଥ ନାଏକ, ସମ୍ମାନିତ ଅତିଥି ଭାବେ ପାଟଣା ବ୍ଲକ ଅଧ୍ୟକ୍ଷା ଶୁକାନ୍ତି ନାୟକ, ଉପାଧ୍ୟକ୍ଷ ବିଣାପାଣି ନାଏକ, ସାହାରପଡା ବ୍ଲକ ଅଧ୍ୟକ୍ଷା ରୀନା ନାଏକ, ଉପାଧ୍ୟକ୍ଷା ଛବିରାଣୀ ସେଠୀ, ଝୁମ୍ପୁରା ବ୍ଲକ ଅଧ୍ୟକ୍ଷା ମାଳତୀ ନାଏକ, ଉପାଧ୍ୟକ୍ଷ ମାନସ ବିଶ୍ୱାଳ, ପାଟଣା ବ୍ଲକ ବିଜେଡି ସଭାପତି ମାଧବାନନ୍ଦ ପୃଷ୍ଟି, ସାହାରପଡା ବ୍ଲକ ବିଜେଡି ସଭାପତି ଗୋବିନ୍ଦ ଚନ୍ଦ୍ର ମହାନ୍ତ ପ୍ରମୁଖ ମଞ୍ଚାସୀନ ଥିଲେ। ପାଟଣା, ସାହାରପଡା, ଚମ୍ପୁଆ ଓ ଝୁମ୍ପୁରା ବ୍ଲକର ୫୬ ପଞ୍ଚାୟତରୁ ୭ ନବନିର୍ବାଚିତ ଜିଲା ପରିଷଦ, ୪୩ ସରପଞ୍ଚ, ୪୨ ସମିତି ସଭ୍ୟ ଓ ବରିଷ୍ଠ କାର୍ଯ୍ୟକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଫାଣ୍ଡି ନିକଟରେ ଚୋରା କୋଇଲା ଡିପୋ

■ଚଢ଼ାଉ ପାଇଁ ପୋଲିସ ପାଖରେ ସମୟ ନାହିଁ
■କାର୍ଯ୍ୟବ୍ୟସ୍ତ ଥିବା ଆଳ ଦେଖାଇଲେ ଅଧିକାରୀ

ପରଜଙ୍ଗ, ୧୫।୫(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ସରାଙ୍ଗ ଅଞ୍ଚଳରେ ବେଆଇନ ଚୋରା କୋଇଲା ଡିପୋ ସଂଖ୍ୟା ବଢ଼ିବାରେ ଲାଗିଛି। ପୋଲିସ ଫାଣ୍ଡିଠାରୁ ଅନତି ଦୂରରେ ଏଭଳି କାର୍ଯ୍ୟ ଦୀର୍ଘଦିନ ହେଲା ଚାଲିଥିବାବେଳେ ଚଢ଼ାଉ କରା ନ ଯିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କାହିଁକି ଚଢ଼ାଉ ହେଉନାହିଁ ବୋଲି ପ୍ରଶ୍ନ କଲେ ଦାୟିତ୍ୱରେ ଥିବା ଅଧିକାରୀ କାର୍ଯ୍ୟବ୍ୟସ୍ତ ଆଳ ଦେଖାଇ ସମୟ ନାହିଁ ବୋଲି କହୁଛନ୍ତି।

ତାଳଚେର ଅଞ୍ଚଳରୁ ଦୈନିକ ଶତାଧିକ ଟନ୍ ଚୋରା କୋଇଲା ପରଜଙ୍ଗ ଅଞ୍ଚଳରେ ପହଞ୍ଚୁଛି। ଏହି କୋଇଲା ସାଇକେଲ ଏବଂ ସ୍କୁଟର ସହାୟତାରେ ଅଣାଯାଇ ଡମୋଳ, ଜଟିଆ, କାଟେଣି ଯିବା ରାସ୍ତାର ବାମ ପାର୍ଶ୍ୱ ପଡ଼ିଆରେ ଗଚ୍ଛିତ କରି ରଖାଯାଉଛି।



ଚୋରା କୋଇଲା ଡିପୋ।

ସରାଙ୍ଗଠାରୁ ଜଟିଆ ଯାଏ ଏଭଳି ପ୍ରାୟ ୫ରୁ ଊର୍ଦ୍ଧ୍ୱ ବେଆଇନ କୋଇଲା ଡିପୋ ଚାଲିଛି। କୋଇଲା ମାଫିଆମାନେ ଏହି ମୂଲ୍ୟବାନ ଜାଳେଣି ଉପଯୋଗୀ ଖଣିଜକୁ ଭୁବନ, କାମାକ୍ଷାନଗର, ତେଲକୋଇ ଅଞ୍ଚଳକୁ ଚାଲାଣ କରି ଲକ୍ଷାଧିକ ଟଙ୍କା ଲାଭ କମାଉଛନ୍ତି। ଏ ସମ୍ପର୍କରେ ସୂଚନା ପାଇ ତାଳଚେରସ୍ଥିତ ଏମ୍‌ସିଏଲ୍ ଉପମହାପ୍ରବନ୍ଧକଙ୍କ କାର୍ଯ୍ୟାଳୟ ପକ୍ଷରୁ ସରାଙ୍ଗ ଅଞ୍ଚଳରେ ଚଢ଼ାଉ କରାଯାଇ ରବିବାର ବିପୁଳ ପରିମାଣର ଚୋରା କୋଇଲା ଜବତ କରାଯାଇଛି। ଏଥିପୂର୍ବରୁ ଅନୁରୂପ ଭାବେ ଦୁଇଥର ଚଢ଼ାଉ ହୋଇଥିଲା। ତାଳଚେରରୁ ଅଧିକାରୀ ଆସି ପରଜଙ୍ଗ ଅଞ୍ଚଳରେ ଚଢ଼ାଉ କରି କୋଇଲା ଜବତ କରୁଥିବାବେଳେ ସ୍ଥାନୀୟ ପୋଲିସର ଏ ଦିଗରେ କୋହଳ ମନୋଭାବ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିପରି ଚୋରା କୋଇଲା ବୋଝେଇ ଗାଡ଼ିଗୁଡ଼ିକ ପରଜଙ୍ଗ, କାମାକ୍ଷାନଗର, ମହାବିରୋଡ଼ ଫାଣ୍ଡି ସମ୍ମୁଖ ଦେଇ ଯାଉଥିବାବେଳେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଜନସାଧାରଣ ଅଭିଯୋଗ କରିଛନ୍ତି।

ଏ ସଂକ୍ରାନ୍ତରେ ସରାଙ୍ଗ ଫାଣ୍ଡି ଅଧିକାରୀ ଶେଷଦେବ ଲେଙ୍କା କୁହନ୍ତି, ଏଭଳି କୋଇଲା ଡିପୋ ସମ୍ପର୍କରେ ପରଜଙ୍ଗ ଥାନାଧିକାରୀଙ୍କୁ ଅବଗତ କରାଯାଇଛି। କୋଇଲା ଡିପୋରେ ଚଢ଼ାଉ କରିବାକୁ କର୍ମଚାରୀ ନାହାନ୍ତି କି ସମୟ ନାହିଁ। ଗାଡ଼ିରେ କୋଇଲା ଲୋଡ୍ ହେଉଥିବା ସମୟରେ ସୂଚନା ମିଳୁଛି। ତେବେ ଅନ୍ୟ ଡ୍ୟୁଟି ଥିବାରୁ ଧରିବା ସମ୍ଭବ ହେଉନାହିଁ। ଏସ୍‌ପି ସ୍ୱତନ୍ତ୍ର ଭାବେ ଫୋର୍ସ ପଠାଇଲେ ଏହାକୁ ବନ୍ଦ କାରାଯାଇପାରିବ ବୋଲି ଫାଣ୍ଡି ଅଧିକାରୀ କହିଛନ୍ତି।

# ମଲ୍‌ରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ତଦାରଖ



ଅଗ୍ନି ନିରାପତ୍ତା ବ୍ୟବସ୍ଥା ତଦାରଖ କରାଯାଉଛି।

ବାଲେଶ୍ୱର ଅଫିସ,୧୫।୫

ଦିଲ୍ଲୀର ମୁଣ୍ଡକା ମେଟ୍ରୋ ଷ୍ଟେଶନ ନିକଟ ୪ ମହଲା ବିଲ୍ଡିଂରେ ବଡ ଧରଣର ଅଗ୍ନିକାଣ୍ଡ ଘଟି ୨୭ଜଣଙ୍କ ମୃତ୍ୟୁ ହେବା ପରେ ଓଡ଼ିଶା ସରକାରଙ୍କ ପକ୍ଷରୁ ଅଗ୍ନି ନିରାପତ୍ତା ଯାଞ୍ଚ ଲାଗି ନିର୍ଦ୍ଦେଶ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲା ଅଗ୍ନିଶମ ବିଭାଗ ପକ୍ଷରୁ ରବିବାର ସହରର ବିଭିନ୍ନ ମଲ୍ ଉପରେ ଚଢ଼ାଉ କରାଯାଇଥିଲା। ମଲ୍‌ଗୁଡ଼ିକରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଠିକ୍ ଅଛି କି ନାହିଁ ସେନେଇ ଅଗ୍ନିଶମ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ଏକ ଟିମ୍ ସହରରେ ଥିବା ମଲ୍‌ଗୁଡ଼ିକର ତଦାରଖ କରିଥିଲେ। ମଲ୍‌ଗୁଡ଼ିକରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାରେ ତ୍ରୁଟି ଥିବା ନେଇ ତାଗିଦ୍ କରାଯିବା ସହ ହଠାତ୍ ଅଗ୍ନିକାଣ୍ଡ ଘଟିଲେ ଲୋକଙ୍କୁ କିପରି ସୁରକ୍ଷିତ ଭାବେ ଉଦ୍ଧାର କରାଯାଇପାରିବ ସେନେଇ ମଲ୍‌ରେ କାର୍ଯ୍ୟରତ କର୍ମଚାରୀଙ୍କୁ ଅଗ୍ନିଶମ ବିଭାଗର ଏକ ଟିମ୍ ଟ୍ରେନିଂ ଦେଇଥିଲେ। ତେବେ ଆଗାମୀ ଦିନରେ ବିଭିନ୍ନ ସପିଂମଲ୍ ଓ ବଡ଼ ବଡ଼ କୋଠାରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ନେଇ ଚଢ଼ାଉ ଜାରି ରହିବ ବୋଲି ଜିଲା ଅଗ୍ନିଶମ ଅଧିକାରୀ ପୁରନ ସୋରେନ ସୂଚନା ଦେଇଛନ୍ତି।

# ଗରା, ବାଲ୍‌ଟି ଧରି ରାସ୍ତାରେ ବସିଲେ



ପାଣି ପାଇଁ ମହିଳାମାନେ ରାସ୍ତାରେ ବସିଛନ୍ତି।

ଉଦଳା,୧୫।୫(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଉଦଳା ବ୍ଲକ ବଡଖମଣ ପଞ୍ଚାୟତ ଅନ୍ତର୍ଗତ ଖଣ୍ଡାଚିରା ଗ୍ରାମର ମହିଳା ପୁରୁଷ ଶନିବାର ପାନୀୟଜଳ ସମସ୍ୟା ସମାଧାନ ଦାବିରେ ଉଦଳା-ବାରିପଦା ରାଜ୍ୟ ରାଜପଥର କଳିଆ ଛକ ନିକଟରେ ଧାରଣାରେ ବସିଥିଲେ। ଗ୍ରାମରେ ଥିବା ୨ଟି ନଳକୂପ ଦୀର୍ଘ ବର୍ଷ ହେବ ଅଚଳ ହୋଇ ପଡିଥିବା ବେଳେ ନାଳ ପାଣି ଗ୍ରାମବାସୀଙ୍କ ଶୋଷ ମେଣ୍ଟାଉଛି। ଏନେଇ ଗ୍ରାମବାସୀ ବାରମ୍ବାର ସରପଞ୍ଚଙ୍କଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ଅବଗତ କରାଇଥିଲେ ସୁଦ୍ଧା କେହି ସେମାନଙ୍କ କଥା ପ୍ରତି କର୍ଣ୍ଣପାତ ନ କରିବାରୁ ଗ୍ରାମବାସୀ ଗରା ବାଲ୍‌ଟି ଧରି ରାଜ୍ୟ ରାଜପଥରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ ସେମାନେ ଜିଦ୍‌ରେ ଅଟଳ ରହିଥିଲେ। ତେବେ ତୁରନ୍ତ ପାନୀୟ ଜଳ ସମସ୍ୟାର ସମାଧାନ କରା ନ ଗଲେ ଆନ୍ଦୋଳନ ଜାରି ରହିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି ।

# 'ସମ୍ପର୍କ ନୁହେଁ ସମ୍ବନ୍ଧ' କାର୍ଯ୍ୟକ୍ରମ

ଭଦ୍ରକ ଅଫିସ, ୧୫।୫

ଭଦ୍ରକ ଜିଲା ବନ୍ତ ବ୍ଲକ ଗୋପୀନାଥପୁରଠାରେ ଲୋକଶକ୍ତି ସଙ୍ଗଠନ ପକ୍ଷରୁ ରବିବାର 'ସମ୍ପର୍କ ନୁହେଁ ସମ୍ବନ୍ଧ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ସମ୍ପାଦକ ରବୀନ୍ଦ୍ର ରାୟ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଭାପତି ପ୍ରଫୁଲ୍ଲ କୁମାର ଯେନା ଯୋଗଦେଇ ସାମାଜିକ ଓ ଆର୍ଥିକ କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଶକ୍ତିର ଅଞ୍ଚଳ ସହ ରହିଥିବା ସମ୍ବନ୍ଧ ବିଷୟରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଭାବେ ହାଇକୋର୍ଟ ଆଇନଜୀବୀ ମନୋଜ ରାୟ ଏବଂ ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ସାମାଜିକ କର୍ମୀ ସତ୍ୟସାଧନ ବେଜ, ସରପଞ୍ଚ ସବିତା ନାୟକ, ନାଏବ ସରପଞ୍ଚ ରାଜେନ୍ଦ୍ର ବେହେରା, ସନ୍ତୋଷ ପଣ୍ଡା, ରମାରାଣି କର, ବିଜୟ ଶତପଥୀ, ପର୍ଶୁରାମ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଲୋକ ପ୍ରତିନିଧିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜଗତଜ୍ୟୋତି ମହିଳା ମହାସଂଘ ପକ୍ଷରୁ ଜୟନ୍ତୀ ନାୟକ ବିବରଣୀ ପାଠ ଓ ଗୋପୀନାଥ ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମହାସଂଘ ସମ୍ପାଦିକା ସୀତା ରାଉଳ, ସଭାନେତ୍ରୀ ଭାରତୀ ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ସାରସ୍ୱତ କଲେଜରେ ଏନସିସି ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

ସୋର, ୧୫।୫(ଡି.ଏନ.ଏ.)

ସୋର ବ୍ଲକ ଅଧୀନ ଅନନ୍ତପୁର ସାରସ୍ୱତ ମହାବିଦ୍ୟାଳୟରେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ୟୁନିଟ୍ ପକ୍ଷରୁ ନୌସେନା ଓ ସ୍ଥଳସେନା ପକ୍ଷରୁ ଏକ ମିଳିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ. ଉମ୍ବୁଧର ଭୋଳଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଏନ୍‌ସିସି ଗ୍ରୁପ୍ କମାଣ୍ଡର କର୍ଣ୍ଣେଲ ରଜନିଶ୍ କପୁର, ନାଭାଲ ୟୁନିଟ୍ କମାଣ୍ଡିଂ ଅଫିସର ପ୍ରଦୀପ କୁମାର ବସକ, ନୌସେନା ପ୍ରଶିକ୍ଷକ ମାନସ ରଞ୍ଜନ ନାୟକ ପ୍ରମୁଖ ଯୋଗଦେଇ ଦେଶର ସୁରକ୍ଷା ଓ ସାମାଜରେ ଶାନ୍ତିଶୃଙ୍ଖଳା ରକ୍ଷାରେ ସମର ଶିକ୍ଷାର୍ଥୀ ବାହିନୀର ଥିବା ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇ ଆଲୋଚନା କରିଥିଲେ। କ୍ୟାଡେଟ୍ ସୌମ୍ୟରଞ୍ଜନ ଚଣ୍ଡ ସ୍ୱାଗତ ଭାଷଣ ଦେଇଥିବା ବେଳେ ଜନ୍ମେଜୟ କର ଧନ୍ୟବାଦ ଦେଇଥିଲେ। କଲେଜ ଏନ୍‌ସିସି ଅଫିସର ପ୍ରଶାନ୍ତ କୁମାର ନାୟକ, ରାଧାକାନ୍ତ ଦାସ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଦିଲୀପ କୁମାର ପତି, ସୁଶାନ୍ତ କୁମାର ଦିକ୍ଷୀତ, ବିପ୍ଳବ କୁମାର ପଣ୍ଡା, ବିଶ୍ୱଜିତ୍ ଦାସ ଓ ସୂର୍ଯ୍ୟକାନ୍ତ ସେଠୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଆଦିବାସୀ ଲଘୁ ଚଳଚ୍ଚିତ୍ର ମହୋତ୍ସବ ଉଦ୍‌ଯାପିତ

ବାରିପଦା ଅଫିସ, ୧୫।୫

ମୟୂରଭଞ୍ଜ ଜିଲା ବାରିପଦା ଶହୀଦ ସ୍ମୃତି ଭବନଠାରେ ଆୟୋଜିତ ଦୁଇଦିନିଆ ଜାତୀୟ ଆଦିବାସୀ ଲଘୁ ଚଳଚ୍ଚିତ୍ର ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଶନିବାର ଉଦ୍‌ଘାଟନୀ ଉତ୍ସବରେ ଜିଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା ଓ ପୂର୍ବତନ ମନ୍ତ୍ରୀ ତଥା ଏମ୍‌ପି ସରୋଜିନୀ ହେମ୍ବ୍ରମ ଅତିଥି ଭାବେ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଆଦିବାସୀ ପରମ୍ପରା, ଐତିହ୍ୟ ଓ ସଂସ୍କୃତି ଚଳଚ୍ଚିତ୍ର ମାଧ୍ୟମରେ ପ୍ରସାରିତ ହୋଇପାରିବ ବୋଲି ସେ ବକ୍ତବ୍ୟ ରଖିଥିଲେ। ଓଡ଼ିଶା ସାନ୍ତାଳୀ ଚଳଚ୍ଚିତ୍ର ଓ କଳା ବିକାଶ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ଏହି ମହୋତ୍ସବରେ ବିଭିନ୍ନ ରାଜ୍ୟରୁ ଚଳଚ୍ଚିତ୍ର ନିର୍ମାତା, ନିର୍ଦ୍ଦେଶକ ଓ କଳାକାର ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫାଉଣ୍ଡେଶନର ଅଧ୍ୟକ୍ଷ ଦୀପକ କୁମାର ବେଶ୍ରା, ଉପାଧ୍ୟକ୍ଷ ଅନ୍ତ ଆଲୋକ ବାସ୍କେ, କୋଷାଧ୍ୟକ୍ଷ ମାଳତୀ ସୋରେନ ପ୍ରମୁଖ ଉପସ୍ଥିତ ଥିଲେ। ମହୋତ୍ସବରେ ୩୬ଟି କ୍ଷୁଦ୍ର ଚଳଚ୍ଚିତ୍ର ଓ ସଙ୍ଗୀତ ଭିଡିଓ ପ୍ରଦର୍ଶିତ ହୋଇଥିଲା।

# ବିପର୍ଯ୍ୟୟ କ୍ଷତି ରୋକିବାକୁ ପ୍ରସ୍ତୁତି



କାଳିଦାସପୁରରେ କାରିଟାସ ଜର୍ମାନୀର ମାଟ୍ରିନା କ୍ଷେତ୍ର ପରିଦର୍ଶନ କରୁଛନ୍ତି।

ପଦ୍ମପୁର, ୧୫।୫ (ଡି.ଏନ.ଏ.)

ଭଦ୍ରକ ଜିଲାର ବାସୁଦେବପୁର ବ୍ଲକ ବାତ୍ୟା ଓ ବନ୍ୟା ପ୍ରବଣ ଅଞ୍ଚଳ। ପ୍ରତିବର୍ଷ ଲଘୁଚାପ ଜନିତ ବନ୍ୟା ଓ ବାତ୍ୟାରେ କ୍ଷୟକ୍ଷତିକୁ ରୋକିବା ପାଇଁ ଆରମ୍ଭ ହୋଇଛି ପୂର୍ବ ପ୍ରସ୍ତୁତି। ବ୍ଲକର ମନ୍ତେଇ ନଦୀକୂଳବର୍ତ୍ତୀ ବାଲିମେଦ ଓ ଆନ୍ଦୋଳା ପଞ୍ଚାୟତରେ ବାଲେଶ୍ୱର ସୋସିଆଲ ସର୍ଭିସ ସୋସାଇଟି ପକ୍ଷରୁ ବିଭିନ୍ନ ଗ୍ରାମରେ ବନ୍ୟା ବାତ୍ୟାର କ୍ଷୟକ୍ଷତିକୁ ରୋକିବା ଲାଗି ପ୍ରଶାସନ ସହଯୋଗରେ ପ୍ରସ୍ତୁତି ଚାଲିଛି। ଗ୍ରାମର ସମ୍ବଳ, ସାମାଜିକ, ବିପଦପୂର୍ଣ୍ଣ, ସୁରକ୍ଷିତ ସ୍ଥାନଗୁଡ଼ିକୁ ଚିହ୍ନଟ କରାଯିବା ସହ ବିଭିନ୍ନ ଟାସ୍କଫୋର୍ସକୁ ମଧ୍ୟ ତାଲିମ ପ୍ରଦାନ କରାଯାଉଛି। ଏସବୁର ତଦାରଖ କରିବା ପାଇଁ କାରିଟାସ ଜର୍ମାନୀର ମାଟ୍ରିନା ରବିବାର କ୍ଷେତ୍ର ପରିଦର୍ଶନ କରି ବିଭିନ୍ନ ଦିଗ ବିଷୟରେ ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି। ଆଗକୁ ବର୍ଷାଋତୁ ଆସୁଥିବାରୁ ପ୍ରସ୍ତୁତି ସାରିବାକୁ ସେ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ। ତାଙ୍କ ସହ ସଂସ୍ଥାର ନିର୍ଦ୍ଦେଶକ ଫାଦେର ଲିଜୋ, ପ୍ରକଳ୍ପ ସଂଯୋଜକ ଜନ୍ ଉଇଲିଅମ ବାରିକ, ଦୀପାଞ୍ଜଳି ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସେ ବାଲିମେଦ ପଞ୍ଚାୟତର କାଳିଦାସପୁର ଓ ଚାରବାଟିଆ ଗ୍ରାମକୁ ଯାଇ ପରିଦର୍ଶନ କରି ଫେରିଯାଇଛନ୍ତି।

# ଜଳକଷ୍ଟ ଦୂର କରିବାକୁ ଦାବି

ବାରିପଦା ଅଫିସ,୧୫।୫

ବାରିପଦା ସହରର ସଂଲଗ୍ନ ଅଞ୍ଚଳରେ ବାସବାସ କରୁଥିବା ଗ୍ରାମ ଗୁଡିକରେ ପାନୀୟ ଜଳ ଯୋଗାଇ ଦେବାକୁ ବାରମ୍ବାର ଦାବି ହୋଇ ଆସୁଛି । ମାତ୍ର ବିଭାଗୀୟ ଅବହେଳା ଯୋଗୁ ପାନୀୟ ଜଳ ନ ପାଇ ବହୁ ଲୋକ ହଇରାଣ ହରକତ ହେଉଛନ୍ତି। ଏ ନେଇ ଶରତ ଚନ୍ଦ୍ର ନାୟକଙ୍କ ଅଭିଯୋଗ କ୍ରମେ ଜିଲାପାଳଙ୍କ ଚିଠି ନଂ ୧୭୩୪ରେ ନିର୍ଦ୍ଦେଶ ଦିଆଯାଇଥିଲେ ସୁଦ୍ଧା ଅଦ୍ୟାବଧି କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଫଳରେ ଚିପଟଅସ୍ତିଆ, ଦୁର୍ଗାପୁର, କାଞ୍ଚିମାଟି, କୁନାପାଳ, ଭୁଡିଆପଦା ରଘୁନାଥଗଞ୍ଜ ଇତ୍ୟାଦି ଗ୍ରାମ ଗୁଡିକରେ ସ୍ୱଜଳଧାରା ଯୋଜନାରେ ପାନୀୟ ଜଳ ପାଇବାରୁ ବଞ୍ଚିତ ରହିଛନ୍ତି। ଗ୍ରାମ୍ୟ ଓ ଜଳ ପରିମଳ ବିଭାଗ ତରଫରୁ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ଲୋକେ ଦୂଷିତ ଜଳ ସେବନ କରି ରୋଗ ବ୍ୟାଧିରେ ପଡୁଛନ୍ତି। ତେଣୁ ଏହି ଦିଗରେ ଯଥାଶୀଘ୍ର ପଦକ୍ଷେପ ନେବାପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ହାତୀ ଆକ୍ରମଣରେ ବୃଦ୍ଧ ମୃତ

ଉଦଳା, ୧୫।୫ (ଡି.ଏନ.ଏ.)

ମୟୂରଭଞ୍ଜ ଜିଲା କପ୍ତିପଦା ବନାଞ୍ଚଳ ଅଧୀନ ବେଡେଇ ଗ୍ରାମରେ ଜଙ୍ଗଲକୁ ପତ୍ର ତୋଳିବାକୁ ଯାଇଥିବା ବେଳେ ରବିବାର ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି।। ମୃତକ ହେଲେ ବେଡେଇ ଗ୍ରାମର ମହେଶ୍ୱର ଦେହୁରୀ। ପରିବାର ଲୋକେ ତାଙ୍କୁ ଅନେକ ଖୋଜାଖୋଜି କରିବା ପରେ ଜଙ୍ଗଲରେ ତାଙ୍କର ମୃତଦେହ ପଡିଥିବା ଦେଖିବାକୁ ପାଇଥିଲେ। ପୋଲିସ ମୃତଦେହ ଜବତ ପରେ ବ୍ୟବଚ୍ଛେଦ କରାଇଛି।

ବନବିଭାଗ ପକ୍ଷରୁ ମୃତକଙ୍କ ପରିବାରକୁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି କପ୍ତିପଦା ବନାଞ୍ଚଳ ଅଧିକାରୀ ଅଚ୍ୟୁତାନନ୍ଦ ଦାସ ସୂଚନା ଦେଇଛନ୍ତି।

# ଖଣି କାର୍ଯ୍ୟାଳୟ ପଛ ପଟୁ ଖଣିଜ ଚୋରି

ଯୋଡ଼ା,୧୫।୫ (ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ଖଣି ଉପ ନିର୍ଦ୍ଦେଶାଳୟ କାର୍ଯ୍ୟାଳୟ ପଛ ପଟୁ ଯୋଡ଼ା ପୋଲିସ ମାଙ୍ଗାନିଜ ଖଣିଜ ସହିତ ବୋଝେଇ ହୋଇଥିବା ଏକ ବୋଲେରୋକୁ ଜବତ କରିଛି।

ସୂଚନା ଅନୁଯାୟୀ, ଯୋଡ଼ା ଖଣି ଉପନିର୍ଦ୍ଦେଶାଳୟ କାର୍ଯାଳୟଠାରୁ ୧୦୦ ମିଟର ଦୂରରେ ଥିବା ନେପାଳୀ ବସ୍ତିରେ ରବିବାର ଭୋର ୩ ଟାବେଳେ ଏକ ବୋଲେରୋ ଠିଆ ହେଉଥିବା ଦେଖି ବସ୍ତୀବାସୀନ୍ଦା ଥାନାକୁ ଖବର ଦେଇଥିଲେ। ଖବରପାଇ ପୋଲିସ ପହଞ୍ଚି ମାଙ୍ଗାନିଜ ବୋଝେଇ ଏକ ବୋଲେରୋକୁ ଜବତ କରିଥିଲା। ବିଭାଗ ପକ୍ଷରୁ ଖଣି ଅଧିକାରୀ ଦେବେନ୍ଦ୍ର ନାଥ ଦଳେଇ ସନ୍ଧ୍ୟା ସମୟରେ ଥାନାକୁ ଆସି ଖଣିଜର ଯାଞ୍ଚ କରିଥିଲେ। ଉକ୍ତ ଗାଡ଼ିରେ ପ୍ରାୟ ୫୦ କୁଇଣ୍ଟାଲ ଉନ୍ନତ ଧରଣର ମାଙ୍ଗାନିଜ ଥିବା କହିଛନ୍ତି। ଏନେଇ ଏକ ମାମଲା(ନଂ.୮୪/୨୦୨୨) ରୁଜୁ କରି ଅଧିକ ତଦନ୍ତ ଜାରି ରଖିଥିବା ଯୋଡ଼ା ଆଇଆଇସି ପଦ୍ମାଳୟା ସାହୁ ପ୍ରକାଶ କରିଛନ୍ତି। ତେଣେ ଖଣି କାର୍ଯ୍ୟାଳୟ ପଛପଟୁ ବିପୁଳ ପରିମାଣର ମାଙ୍ଗାନିଜ ଚାଲାଣ ହେବା



ଜବତ ଖଣିଜ ବୋଝେଇ ବୋଲେରୋ।

**ବିପୁଳ ପରିମାଣର ମାଙ୍ଗାନିଜ ସହ ବୋଲେରୋ ଜବତ**

ବିଭାଗୀୟ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଖଣି ବିଭାଗ ପାଖରେ ଷ୍ଟେଟ ଲେବଲ ଏନଫୋର୍ସମେଣ୍ଟ ସ୍କ୍ୱାଡ, ଡିଷ୍ଟ୍ରିକ୍ଟ ଲେବଲ ଟାସ୍କ ଫୋର୍ସ, ଯୋଡ଼ା ଖଣି ବିଭାଗ ଟିମ୍ ଥାଇ ମଧ୍ୟ ସରକାରୀ କାର୍ଯ୍ୟାଳୟ ପଛ ପଟୁ କିପରି ଚୋରି ସମ୍ଭବ ତାହା ଚର୍ଚ୍ଚାର ବିଷୟ। ତେବେ ଏକ ନିର୍ଭରଯୋଗ୍ୟ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ, ଖଣି ଉପ ନିର୍ଦ୍ଦେଶାଳୟ କାର୍ଯ୍ୟାଳୟରେ ଜବତ ହୋଇ ପଡ଼ିଥିବା ମାଙ୍ଗାନିଜ ପଥରକୁ ଅଖାରେ ଭର୍ତ୍ତି କରି ସେଠାରୁ ଚୋରି କରି ନିଆଯାଉଛି। ଏହାର ଅଧିକ ତଦନ୍ତ କରାଗଲେ ବହୁ ରହସ୍ୟ ଉନ୍ମୋଚିତ ହୋଇପାରନ୍ତା।

# ଶ୍ରୀମନ୍ଦିରକୁ ୨୦ଲକ୍ଷ, ବିଦ୍ୟାଳୟକୁ ୧୫ଲକ୍ଷ ଦାନ

ବସ୍ତା, ୧୫।୫(ଡି.ଏନ.ଏ.)

ନିଜର ବଦାନ୍ୟତା ପାଇଁ ବାଲେଶ୍ୱର ଜିଲା ବସ୍ତା ବ୍ଲକ ସଦାନନ୍ଦପୁର ଗ୍ରାମର ସୁପ୍ରଭା ପଣ୍ଡା (୭୦) ସମଗ୍ର ରାଜ୍ୟରେ ଚର୍ଚ୍ଚାର ପରିସରକୁ ଆସିଛନ୍ତି। ସେ ତାଙ୍କ ସ୍ୱାମୀଙ୍କ ଶେଷ ଇଛା ପୂରଣ କରିବାକୁ ଯାଇ ପୁରୀ ଶ୍ରୀମନ୍ଦିରକୁ ୨୦ଲକ୍ଷ ଓ ନିଜ ଗାଁ ବିଦ୍ୟାଳୟକୁ ୧୫ ଲକ୍ଷ ଟଙ୍କା ଦାନ କରିଛନ୍ତି।

ସଦାନନ୍ଦପୁର ଗ୍ରାମର ସୁପ୍ରଭା ବାଲେଶ୍ୱରର ପଙ୍କଜକାନ୍ତ ପଣ୍ଡାଙ୍କୁ ବିବାହ କରିଥିଲେ। ପଙ୍କଜ ଓଡ଼ିଶା ସରକାରଙ୍କ ସେଲ୍‌ଟ୍ୟାକ୍ସ ଅଫିସର ଭାବେ କାର୍ଯ୍ୟ କରି ଅବସର ଗ୍ରହଣ କରିଥିଲେ। ନିଜର ସନ୍ତାନସନ୍ତତି ନ ଥିବାରୁ ପଙ୍କଜ କିଛି ସମ୍ପତ୍ତି ଦାନ କରିବାକୁ ଇଚ୍ଛା ରଖିଥିଲେ। ୨୦୨୧ରେ କ୍ୟାନସରରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତ୍ୟୁ ପରେ ଏହି ଇଚ୍ଛାକୁ ପୂରଣ କରିବା ଲକ୍ଷ୍ୟରେ କୋଭିଡ୍ ଗାଇଡ୍‌ଲାଇନ୍ କୋହଳ ହେବା ପରେ ସୁପ୍ରଭା କଟକରେ ଥିବା ଏକ ଜମିକୁ ବିକ୍ରି କରି ୨୦ଲକ୍ଷ ଟଙ୍କା ପୁରୀ ଶ୍ରୀମନ୍ଦିର ବଡ଼ ଠାକୁରଙ୍କୁ ଦାନ କରିଛନ୍ତି। ଏହି ସମୟରେ ତାଙ୍କର ଭାଉଜ ଗୀତାରାଣୀ ଶତପଥି ଏବଂ ପୁତୁରା ଚିନ୍ମୟ କୁମାର ଶତପଥି ଉପସ୍ଥିତ ଥିଲେ। କିଛିଦିନ ପୂର୍ବରୁ ବସ୍ତା ସ୍ଥିତ ଶମ୍ଭୁନାଥ ସରକାରୀ ବିଦ୍ୟାଳୟକୁ ସୁପ୍ରଭା ୧୫ଲକ୍ଷ ଟଙ୍କା ଦାନ କରିଥିଲେ। ସ୍ୱାମୀଙ୍କ ଶେଷ ଇଚ୍ଛା ପୂରଣ କରିପାରିଥିବାରୁ ସେ ନିଜକୁ ଗୌରବାନ୍ୱିତ ମନେ କରିଛନ୍ତି।

## ସଂକ୍ଷେପରେ

### ଛାତ୍ରୀ ନିବାସ ଭିତ୍ତିପ୍ରସ୍ତର ସ୍ଥାପନ



**ଛେଣ୍ଡିପଦା,୧୫।୫(ସ୍ୱ.ପ୍ର.)-** ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଟେଣ୍ଟୁଲୋଇ କୋଡାସାହି ପଞ୍ଚାୟତ ଗୋପୀନାଥପୁରଠାରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ରବିବାର ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ପୂର୍ତ୍ତ ବିଭାଗ ଯନ୍ତ୍ରୀ ପ୍ରତାପ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ସୁଶାନ୍ତ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା ସୁମିତ୍ରା ସାହୁ, ଉପାଧକ୍ଷା ଝରଣା ସ୍ୱାଇଁ, ଜିଲାପରିଷଦ ସଦସ୍ୟ ପ୍ରଦୀପ କୁମାର ସାହୁ, ଟେଣ୍ଟୁଲୋଇ ସରପଞ୍ଚ ପ୍ରିୟଙ୍କା ସାହୁ, ସମିତିସଭ୍ୟ ପ୍ରଳୟ ପ୍ରଧାନ, ବିଜୁ ଛାତ୍ର ଜନତା ସଭାପତି ବିଷ୍ଣୁଚରଣ ବେହେରା ପ୍ରମୁଖ ଯୋଗଦେଇ ଛାତ୍ରୀନିବାସର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ।

### ଗଣ୍ଡଗୋଳ ଘଟଣାରେ ୨ ଗିରଫ

**ଅନୁଗୋଳ ଅଫିସ, ୧୫।୫:** ଅନୁଗୋଳ ସହର ହେମସୁରପଡାଠାରେ ମଦ ବିକ୍ରିକୁ କେନ୍ଦ୍ର କରି ଗଣ୍ଡଗୋଳ ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ହୋଇଥିବା ଅଭିଯକ୍ତ ହେଲେ ହେମସୁରପଡା ଅଞ୍ଚଳର ରୀତିକ ବାରିକ ଓ କୁମଣ୍ଡ ଅଞ୍ଚଳର ସନ୍ତୋଷ ଦେହୁରୀ ବୋଲି ଥାନା ଅଧିକାରୀ ପ୍ରଭାତ ତ୍ରିପାଠୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ୩ ତାରିଖରେ ଓକିଲ ଅସିତ ଚନ୍ଦ୍ର ପ୍ରଧାନଙ୍କୁ ମାର୍‌ପିଟ କରିବା ସହ ବାଇକ୍ ଭାଙ୍ଗିଦେବା ଓ ବସ୍‌ଷ୍ଟାଣ୍ଡ ବିଦେଶୀ ମଦ ଦୋକାନରେ ଭଙ୍ଗାରୁଜା ଘଟଣାରେ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଛି।

### ଆଜି ବାଗଡ଼ିଆ, ଖମାର ଚନ୍ଦନ ଯାତ୍ରା

**ଛେଣ୍ଡିପଦା,୧୫।୫(ସ୍ୱ.ପ୍ର.):** ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ବାଗଡିଆ ଓ ଖମାର ଗ୍ରାମରେ ଚନ୍ଦନ ଯାତ୍ରା ସୋମବାର ମହାସମାରୋହରେ ଅନୁଷ୍ଠିତ ହେବ। ଏଥିପାଇଁ ଉଭୟ ଗ୍ରାମବାସୀଙ୍କ ପକ୍ଷରୁ ସମସ୍ତ ପ୍ରସ୍ତୁତି ପର୍ବ ଚୂଡ଼ାନ୍ତ ହୋଇଛି। ରୀତିନୀତି ଅନୁଯାୟୀ ରାତିରେ ଗ୍ରାମର ରାଧାକୃଷ୍ଣ ମନ୍ଦିରରୁ ଠାକୁରଙ୍କୁ ଦୋଳିରେ ନିଆଯାଇ ସଂକୀର୍ତ୍ତନ ମଣ୍ଡଳୀ, ପାଟପଟୁଆର ସହ ଗ୍ରାମ ପରିକ୍ରମା କରାଯିବା ପରେ ପୋଖରୀରେ ଚାପଖେଳ ଅନୁଷ୍ଠିତ ହେବ। ଏହି ଯାତ୍ରା ଅବସରରେ ବ୍ୟବସାୟ କରିବାକୁ ବହୁ ଉଠାଦୋକାନୀ ଦୁଇ ଗ୍ରାମରେ ପହଞ୍ଚି ସାରିଛନ୍ତି। ସେହିପରି ସହସ୍ରାଧିକ ଲୋକଙ୍କ ସମାଗମ ହେବାକୁ ଥିବାରୁ ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ପାନୀୟ ଜଳ ଓ ନୀରବିଚ୍ଛିନ୍ନ ଆଲୋକ ବ୍ୟବସ୍ଥା ପାଇଁ ଗ୍ରାମର ଯାତ୍ରା କମିଟିର ସଭ୍ୟଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଉଭୟ ଗ୍ରାମବାସୀ ଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହ ପାଳନ କରିବାକୁ ବାଗଡିଆ ଗ୍ରାମ ସଭାପତି ବିଜୟ କୁମାର ପ୍ରଧାନ ଓ ଖମାର ଗ୍ରାମ ସଭାପତି ନେତ୍ରାନନ୍ଦ ଗଡନାୟକ ଜନସାଧାରଣଙ୍କୁ ନିବେଦନ କରିଛନ୍ତି।

# ରାତିରେ ଚୋରି, ଦିନରେ ଲୁଟ୍

**ଅନୁଗୋଳ ଅଫିସ, ୧୫।୫**

■ଅନୁଗୋଳରେ ପୋଲିସକୁ ଖୋଲା ଚ୍ୟାଲେଞ୍ଜ

■ଦୁର୍ବୃତ୍ତଙ୍କ ଦୌରାତ୍ମ୍ୟକୁ ନେଇ ବଢ଼ୁଛି ଅସନ୍ତୋଷ

ରାତିରେ ଦାମୀ ଘର ଦେଖି କରାଯାଉଛି ଟାର୍ଗେଟ୍। ଏପରି କି ଘର ଲୋକ ଥିଲେ ମଧ୍ୟ କୌଶଳ କରି କଳାକନା ବୁଲାଇ ଦେଉଛନ୍ତି ଦୁର୍ବୃତ୍ତ। ସେହିପରି ଦିନରେ ସହର ବଜାରରେ ବୁଲି ଦୁର୍ବୃତ୍ତମାନେ ବ୍ୟାଙ୍କ ଓ ବେପାରରୁ ଫେରୁଥିବା ଲୋକଙ୍କଠାରୁ ଲୁଟ୍‌ପାଟ କରୁଛନ୍ତି। ଟଙ୍କା ବ୍ୟାଗ ଝାମ୍ପି ନେଇ ଆଖି ପିଛୁଳାକେ ଫେରାର ହୋଇଯାଉଛନ୍ତି। କେହି ପ୍ରତିରୋଧ କଲେ ଆକ୍ରମଣ କରିବାକୁ ଏମାନେ ପଛାଉନାହାନ୍ତି। କିଛିଦିନ ହେଲା ଅନୁଗୋଳ ସହର ସମେତ ଜିଲାର ବିଭିନ୍ନ ଥାନା ଅଞ୍ଚଳରେ ଏପରି ଆପରାଧିକ କାର୍ଯ୍ୟ ବଢ଼ିଚାଲିଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଗତ ମାସକ ମଧ୍ୟରେ କେବଳ ଅନୁଗୋଳ ସହରରେ ୫ରୁ ଊର୍ଦ୍ଧ୍ୱ ଛୋଟ ବଡ଼ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି।

ଅନୁଗୋଳ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟରୁ ଏପ୍ରିଲ ୧୨ ତାରିଖରେ ଏୟାର କଣ୍ଡିଶନର ସହ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ ଚୋରି ହୋଇଥିଲା। ସେହିପରି ଏପ୍ରିଲ ୧୯ରେ ତାଳଚେର ଥାନା ଅଧୀନ ଏକ ବ୍ୟାଙ୍କରୁ ଟଙ୍କା ନେଇ ଆସୁଥିବା ଅବସରପ୍ରାପ୍ତ ଶିକ୍ଷକ ଦୁର୍ଗାପ୍ରସାଦ ରଥଙ୍କ ବାଇକ୍ ଡିକି ଭାଙ୍ଗି ହାଟତୋଟା ନିକଟରୁ ୩ ଲକ୍ଷ ଟଙ୍କା ଧରି ଦୁର୍ବୃତ୍ତମାନେ ଚମ୍ପଟ ମାରିଥିଲେ। ରେଙ୍ଗାଳି ଥାନା ବଜ୍ରକୋଟ ହାଟ ନିକଟରୁ ଗୁଣ୍ଡୁରି ଗ୍ରାମର ସୁଶାନ୍ତ ନନ୍ଦଙ୍କ ବାଇକ୍ ଡିକି ଭାଙ୍ଗି ୧ ଲକ୍ଷ ୮ ହଜାର ଟଙ୍କା ନେଇଯାଇଥିଲେ। ହେମସୁରପଡ଼ାର ରଞ୍ଜନ ଦେହୁରୀଙ୍କ ଘରେ କେହି ନ ଥିବାବେଳେ ଦୁର୍ବୃତ୍ତମାନେ ସୁନା, ରୁପା ସହ ନଗଦ ଟଙ୍କା ଚୋରି କରିଥିଲେ। ଅନୁଗୋଳ ଡିଆଇସି ଛକରେ ରହୁଥିବା ସନ୍ଧ୍ୟାରାଣୀ ଦାସଙ୍କ ଘରେ ଗତ ଶୁକ୍ରବାର ରାତିରେ ଦୁର୍ବୃତ୍ତମାନେ ପଶି ଲକ୍ଷାଧିକ ଟଙ୍କାର ସୁନା, ରୁପା ଓ ନଗଦ ୩୦ ହଜାର ଟଙ୍କା ଚୋରି କରିଥିଲେ। ୧୩ ତାରିଖରେ ମହୀଧରପୁର ହାଟ ସାରି ଫେରୁଥିବା କଞ୍ଚରା ଗ୍ରାମର କ୍ଷୀରୋଦ ପ୍ରଧାନଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଟଙ୍କା ଲୁଟ୍ କରାଯାଇଥିଲା। ବିକ୍ରମପୁର ଥାନା ଅଧୀନରେ ଥିବା ଏକ ସିମେଣ୍ଟ ଫ୍ୟାକ୍ଟ୍ରି ଓ ନିର୍ମାଣାଧୀନ ଘରୁ ଚୋରି ହୋଇଥିଲା। ନାଲ୍‌କୋ ଓ ବଣ୍ଟିଁରପାଳ ଥାନା ଅଞ୍ଚଳରୁ ମଧ୍ୟ ଚୋରି ବଢ଼ୁଥିବା ଅଭିଯୋଗ ହେଉଛି। ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇ ଦୁର୍ବୃତ୍ତମାନେ ଜିଲାର ବିଭିନ୍ନ ଅଞ୍ଚଳରେ ଆପରାଧିକ କାର୍ଯ୍ୟ ଚଳାଇଥିବା ବେଳେ ତାହାକୁ ରୋକିବାରେ ପୋଲିସର ବିଫଳତା ଅସନ୍ତୋଷର କାରଣ ହୋଇଛି।

**ସାଧାରଣ ଲୋକଙ୍କୁ ନ୍ୟାୟ ମିଳୁନାହିଁ**



"ପୋଲିସ ବିଭାଗର ଅନେକ କର୍ମଚାରୀ ନିଜ କ୍ଷମତାର ଅପବ୍ୟବହାର କରୁଛନ୍ତି। ନିଜ ସମ୍ପତ୍ତି ବୃଦ୍ଧିରେ ବ୍ୟସ୍ତ ରହୁଛନ୍ତି। କେବଳ ଏଥିପାଇଁ ସାଧାରଣ ଲୋକମାନେ ନ୍ୟାୟ ପାଇପାରୁନାହାନ୍ତି। ସ୍ୱଚ୍ଛ ଭାବମୂର୍ତ୍ତି ସହ କର୍ତ୍ତବ୍ୟକୁ ଗୁରୁତ୍ୱ ଦେଲେ ଜିଲାରେ ଆଇନ ଶୃଙ୍ଖଳା ନିୟନ୍ତ୍ରଣରେ ରହିବ।

-ରଞ୍ଜନ ପାତ୍ର, ଅନୁଗୋଳ

**ହୁଗୁଳା ପାଟ୍ରୋଲିଂ ଦାୟୀ**



"ପୂର୍ବରୁ ଅନୁଗୋଳର ଦୁଇଟି ବ୍ୟାଙ୍କରୁ ଡକାୟତି ହୋଇଛି। ଏଟିଏମ୍‌ରୁ ମଧ୍ୟ ଲୁଟ ଉଦ୍ୟମ ହୋଇଛି। ଚଳିତମାସରେ ହେମସୁରପଡ଼ାର ଦୁଇଟି ସ୍ଥାନରେ ଦୁର୍ବୃତ୍ତମାନେ ଘରେ କଳାକନା ବୁଲାଇ ଦେଇଛନ୍ତି। ପୋଲିସର ପାଟ୍ରୋଲିଂ ବ୍ୟବସ୍ଥା ହୁଗୁଳା ପାଇଁ ଏଭଳି ଚୋରି ଓ ଲୁଟ୍ ବଢ଼ିଚାଲିଛି।

-ଦିବ୍ୟରଞ୍ଜନ ଦାସ, ଅନୁଗୋଳ

**ସ୍ପେଶାଲ ସ୍କ୍ୱାଡ୍ ନିଷ୍କ୍ରିୟ**



"ଅନୁଗୋଳ ସହରରେ ଆଇନ ଶୃଙ୍ଖଳା ବ୍ୟବସ୍ଥା ହୁଗୁଳା ହୋଇପଡିଛି। କଡାକଡି ପାଟ୍ରୋଲିଂ କରାଯାଉନାହିଁ। ଏଭଳି କି ଏସ୍‌ପିଙ୍କ ଦ୍ୱାରା ଗଢ଼ାଯାଇଥିବା ସ୍ପେଶାଲ ସ୍କ୍ୱାଡ୍ ମଧ ଏକପ୍ରକାର ନିଷ୍କ୍ରିୟ ହୋଇଯାଇଛି। ଫଳରେ ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇବା ସହ ଅପରାଧୀମାନେ ସକ୍ରିୟ ହୋଇଯାଇଛନ୍ତି।

-ଦିବ୍ୟଦର୍ଶୀ ବଳିଆରସିଂହ, ଆଇନଜୀବୀ

# ପଞ୍ଚାୟତ ନିର୍ବାଚନର ସମୀକ୍ଷା

**ଛେଣ୍ଡିପଦା,୧୫।୫(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଟାଙ୍ଗିର ପଞ୍ଚାୟତର ଉମାଦେବୀ ପୀଠ ଓ ପାଟକମୁଣ୍ଡା କଲ୍ୟାଣ ମଣ୍ଡପଠାରେ ପଞ୍ଚାୟତ ନିର୍ବାଚନର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ଜିଲା ପରିଷଦ ସଦସ୍ୟ ପ୍ରଦୀପ କୁମାର ସାହୁ ଓ ନଗେନ ପ୍ରଧାନ ପ୍ରମୁଖ ଯୋଗଦେଇ ସମୀକ୍ଷା କରିବା ସହିତ ୱାର୍ଡସ୍ତରୀୟ କମିଟି ଗଠନ କରିଥିଲେ। ଉକ୍ତ କମିଟିର ସୁପାରିସ ଅନୁଯାୟୀ କାର୍ଯ୍ୟ କରାଗଲେ ପଞ୍ଚାୟତର ବିକାଶ ହୋଇପାରିବ ବୋଲି ବୈଠକରେ କୁହାଯାଇଥିଲା। ପଞ୍ଚାୟତର ସମସ୍ତ କର୍ମୀ ରାଜ୍ୟ ସରକାରଙ୍କର ବିଭିନ୍ନ ଲୋକାଭିମୁଖୀ ଯୋଜନାକୁ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ପହଞ୍ଚାଇବା ସହିତ ଯେପରି ହିତାଧିକାରୀ ଚୟନ ବେଳେ ତ୍ରୁଟି ପରିଲକ୍ଷିତ ନ ହେବ ସେଥିପ୍ରତି ବିଶେଷ ଭାବେ ଦୃଷ୍ଟି ଦେବା ପାଇଁ ବିଧାୟକ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟାଙ୍ଗିର ସରପଞ୍ଚ ଅମରେଶ ନାଥ, ରାକେଶ କୁମାର ନାଥ, ଶ୍ରୀବତ୍ସ ମହାପାତ୍ର, ପ୍ରଶାନ୍ତ କୁମାର ପ୍ରଧାନ, ବିପିନି ନାଥ, ପୀତବାସ ବିଶ୍ୱାଳ, ଅଜିତ ବିଶ୍ୱାଳ, ଦିଲୀପ ପ୍ରଧାନ, ଦୟାନିଧି ବେହେରା, ପାଟକମୁଣ୍ଡାର ପୂର୍ବତନ ସରପଞ୍ଚ ଡିଲେଶ୍ୱର ସ୍ୱାଇଁ, ଉମାକାନ୍ତ ପ୍ରଧାନ, ସର୍ବେଶ୍ୱର ସାହୁ, ଲମ୍ବୋଦର ପ୍ରଧାନଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।



ସମୀକ୍ଷା ବୈଠକରେ ବିଧାୟକ ଓ ଅନ୍ୟ ନେତୃବୃନ୍ଦ।

# ସ୍ୱଚ୍ଛତା, ସଚେତନତା କାର୍ଯ୍ୟକ୍ରମ

**ଛେଣ୍ଡିପଦା,୧୫।୫(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ ବାଗଡିଆ ଠାରେ ଦୁଇଦିନିଆ ସ୍ୱଚ୍ଛତା ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ବାଗଡିଆ ବିକାଶ ମଞ୍ଚ ଆନୁକୂଲ୍ୟରେ ପ୍ରସିଦ୍ଧ ଚନ୍ଦନ ଯାତ୍ରା ଉପଲକ୍ଷେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ପ୍ରଥମ ଦିବସରେ ବାଗଡିଆ ଜଗନ୍ନାଥ ମନ୍ଦିର ଠାରୁ ଏହାର ଶୁଭାରମ୍ଭ କରାଯାଇ ବଡଦାଣ୍ଡକୁ ସଫେଇ କରାଯାଇଥିଲା। ସୋମବାର ଦ୍ୱିତୀୟ ଦିବସରେ ବାଗଡିଆର ଚନ୍ଦନ ଯାତ୍ରା ପଡିଆ ଓ ହାଟପଦାକୁ ସଫେଇ କରାଯିବ ବୋଲି ବିକାଶ ମଞ୍ଚ ପକ୍ଷରୁ କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ବିକାଶ ମଞ୍ଚର ଯତୀନ୍ଦ୍ର କର, ପ୍ରମୋଦ ସାହୁ, ଜଳଧର ସେଠୀ, ଟଙ୍କଧର ବେହେରା, ଚିତ୍ତରଞ୍ଜନ ଦେହୁରୀ, ରଞ୍ଜିତ ଦେହୁରୀ, ଅଭିରାମ ସାହୁ, ପବିତ୍ର ପ୍ରଧାନ, ପୋରୁଷୋତ୍ତମ ସାହୁ, ମହେଶ୍ୱର ସାହୁ, ଯୋଗୀନ୍ଦ୍ର ସାହୁ, କ୍ଷୀରୋଦ ଗୋଛାୟତ, ମଗୁଲୁ ଗୋଛାୟତ, ରଞ୍ଜନ ସାହୁ, ନାକୁ ସାହୁ, କୈଳାସ ସେଠୀ ପ୍ରମୁଖ ସାମିଲ ହୋଇ ସଫେଇ କରିବା ସହିତ ପରିବେଶକୁ ସ୍ୱଚ୍ଛ ରଖିବା ପାଇଁ ଜନସାଧାରଣଙ୍କୁ ସଚେତନ କରିଥିଲେ।



ସଫେଇ କାର୍ଯ୍ୟକ୍ରମ ଅବସରରେ ବିକାଶ ମଞ୍ଚ କର୍ମକର୍ତ୍ତାମାନେ।

# ଖସିଲା ମୁଖ୍ୟ ଫାଟକ ଛାତ ପଲସ୍ତରା

**ଅନୁଗୋଳ ଅଫିସ, ୧୫।୫**

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ମୁଖ୍ୟ ଫାଟକ ଛାତରୁ ରବିବାର ବଡ଼ ଆକାରର ସିମେଣ୍ଟ ପଲସ୍ତରା ଖସିପଡ଼ିଛି। ଉକ୍ତ ଫାଟକ ଦେଇ ଏକ ରୋଗୀ ଥିବା ଆମ୍ବୁଲାନ୍ସ ମେଡିକାଲ ଭିତରକୁ ଯିବାର କେଇ ସେକେଣ୍ଡ ପରେ ଉକ୍ତ ପଲସ୍ତରା ଖସିଥିବା ଦେଖାଯାଇଥିଲା। ଏହି ଘଟଣା ପରେ ମେଡିକାଲ କର୍ତ୍ତୃପକ୍ଷ ମୁଖ୍ୟ ଫାଟକରେ ତାଲା ପକାଇବାକୁ ନିର୍ଦ୍ଦେଶ ଦେଇଛନ୍ତି।

**ଅଳ୍ପକେ ବର୍ତ୍ତିଗଲା ଆମ୍ବୁଲାନ୍ସ**

ପ୍ରକାଶ ଯେ, ଅନୁଗୋଳ ପୌରପାଳିକା ପକ୍ଷରୁ ମୁଖ୍ୟ ଚିକିତ୍ସାଳୟ ପାର୍ଶ୍ୱରେ ସଞ୍ଜୀବନୀ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯାଇଥିଲା। ପରବର୍ତ୍ତୀ ସମୟରେ ମେଡିକାଲର ମୁଖ୍ୟ ଫାଟକ ଉପର ଭାଗରେ ମଧ୍ୟ ଗୃହ ନିର୍ମାଣ କରାଯାଇ ଭଡ଼ା ଦିଆଗଲା। ଏହାକୁ ନେଇ ସେତେବେଳେ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଦେଇଥିଲା। ଏପରି କି ମେଡିକାଲ ଗସ୍ତରେ ବିଭିନ୍ନ ସମୟରେ ଆସିଥିବା ରାଜ୍ୟ ସରକାରଙ୍କ ମନ୍ତ୍ରୀ, ସଚିବ ପ୍ରମୁଖ ଉକ୍ତ ଫାଟକ ଉପରୁ ଦୋକାନ ହଟାଇବାକୁ ପରାମର୍ଶ ଦେଇଥିଲେ। ୨୦୧୬–୧୭ରେ ଏହି ମୁଖ୍ୟ ଫାଟକ ଉପରେ ଥିବା ଦୋକାନ ଘର ଓ ତଳ ଛାତ ଉଠାଇବାକୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ମେଡିକାଲ କର୍ତ୍ତୃପକ୍ଷ ଏଥିପ୍ରତି ଧ୍ୟାନ ଦେଲେ ନାହିଁ କି ପୌରପାଳିକାକୁ ଏଥିପାଇଁ ସୁପାରିସ କଲେନାହିଁ। ଫଳରେ ଛାତ ଭଙ୍ଗାଯିବା ପରିବର୍ତ୍ତେ ମରାମତି କରିଦିଆଗଲା। ରବିବାର ଛାତରୁ ବଡ଼ ଧରଣର ପଲସ୍ତରା ଖସିଥିବାରୁ ଏହାର ସ୍ଥାୟିତ୍ୱ ନେଇ ଆଶଙ୍କା ପ୍ରକାଶ ପାଇଛି। ଏ ନେଇ ମେଡିକାଲ କର୍ତ୍ତୃପକ୍ଷ ମୁହଁ ଖୋଲିବାକୁ ନାରାଜ ଥିବାବେଳେ ପୌର କର୍ତ୍ତୃପକ୍ଷ କହିଛନ୍ତି, ଘଟଣା ସମ୍ପର୍କରେ ଅନୁଧ୍ୟାନ କରାଯାଇ ପଦକ୍ଷେପ ଗ୍ରହଣ କରାଯିବ। ତେବେ ସ୍ଥାନୀୟ ଲୋକେ କହିଛନ୍ତି, ମେଡିକାଲରେ ଦୁଇ ଜଣ ପରିଚାଳକ ଥିଲେ ମଧ୍ୟ ଏଥିପ୍ରତି ଦୃଷ୍ଟି ଦିଆଯାଉ ନାହିଁ। ଯଦି ଛାତ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି, ତା'ହେଲେ ମେଡିକାଲ କର୍ତ୍ତୃପକ୍ଷ ଏହାକୁ ଉଚ୍ଛେଦ କରିବାକୁ କାହିଁକି ପ୍ରଶାସନକୁ ଅବଗତ କରିନାହାନ୍ତି। ତେବେ ମୁଖ୍ୟ ଫାଟକ ବିପଦପୂର୍ଣ୍ଣ ଥିବାରୁ ତାହାକୁ ବନ୍ଦ କରାଯାଇଥିବା ମେଡିକାଲର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।



# ଅନାହାରରେ ଥିବା ବୃଦ୍ଧଙ୍କୁ ମିଳିଲା ଖାଦ୍ୟ, ଚିକିତ୍ସା

**ଛେଣ୍ଡିପଦା,୧୫।୫(ସ୍ୱ.ପ୍ର.)**

■ପ୍ରଶାସନର ଦୃଷ୍ଟିକୁ ଆଣିଲେ ବସ୍ ଚାଳକ

■ସହାୟତା ଦେବାକୁ ଉପଜିଲାପାଳଙ୍କ ପ୍ରତିଶ୍ରୁତି

■ସରପଞ୍ଚଙ୍କ ପରାମର୍ଶ କ୍ରମେ ମେଡିକାଲ ନେଲେ ଲୋକେ

ପୈତୃକ ଘର କିଶୋରନଗର ବ୍ଲକରେ। ହେଲେ ଦୀର୍ଘ ୪୦ ବର୍ଷ ହେଲା କାର୍ତ୍ତିକା ବେହେରା (୮୬) ଚାଲିଆସିଛନ୍ତି ଛେଣ୍ଡିପଦା ସାପୋଇସାହି ଅଞ୍ଚଳକୁ। ମୂଲ ମଜୁରି ଲାଗି ଯାହା ଆଣୁଥିଲେ ସ୍ତ୍ରୀଙ୍କ ସହ ଦୁଇମୁଠା ଖାଇ ଗଛମୂଳେ ଜରିପାଲ ତଳେ ରହିଯାଉଥିଲେ। ସରକାରଙ୍କ ପକ୍ଷରୁ ରାଶନ ଚାଉଳ ବ୍ୟତୀତ ଆଉ କିଛି ସହାୟତା ମିଳୁ ନ ଥିଲା ତାଙ୍କୁ। ହେଲେ ସ୍ତ୍ରୀଙ୍କ ମୃତ୍ୟୁ ଓ ବାର୍ଦ୍ଧକ୍ୟଜନିତ ରୋଗ ତାଙ୍କୁ ସମ୍ପୂର୍ଣ୍ଣ ଅସହାୟ କରିଦେଇଛି। ଠିକ୍‌ରେ ଆଉ ଚଲାବୁଲା କରିପାରୁ ନ ଥିବାରୁ ଅନାହାରରେ ରହିବାକୁ ବାଧ ହେଉଛନ୍ତି କାର୍ତ୍ତିକା। ତେବେ ଏ ସମ୍ପର୍କରେ ଜାଣିବା ପରେ ବସ୍ ଚାଳକ ସୀତାରାମ ସାହୁ ରବିବାର ତାଙ୍କ ନିକଟରେ ପହଞ୍ଚି ଦୁଃଖ ବୁଝିବା ସହ କିଛି ଖାଇବାକୁ ଦେଇଥିଲେ। ପରେ ଏ ସମ୍ପର୍କରେ ସ୍ଥାନୀୟ ଲୋକଙ୍କୁ କହିବା ସହ ପ୍ରଶାସନକୁ ଖବର ଦେଇଥିଲେ। କାର୍ତ୍ତିକାଙ୍କ ଆଶୁଚିକିତ୍ସା ନିମନ୍ତେ ଛେଣ୍ଡିପଦା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ଅନୁଗୋଳ ଉପ ଜିଲାପାଳ ବଇତୁରା ଦୀପଙ୍କୁ ଯୋଗାଯୋଗ କରିଥିଲେ। ଉପଜିଲାପାଳ ବଇତୁରା ଦୀପ ତୁରନ୍ତ ଛେଣ୍ଡିପଦା ତହସିଲଦାରଙ୍କ ସହିତ ଆଲୋଚନା କରି ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଖବର ପାଇ ଛେଣ୍ଡିପଦା ସରପଞ୍ଚ ସୁଦୀପ୍ତ କୁମାର ପ୍ରଧାନଙ୍କ ପରାମର୍ଶ କ୍ରମେ ସ୍ଥାନୀୟ ଲୋକମାନେ କାର୍ତ୍ତିକାଙ୍କୁ ଉଦ୍ଧାର କରି ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିବା ସହିତ ଚିକିତ୍ସା କରିଛନ୍ତି।



ମେଡିକାଲରେ କାର୍ତ୍ତିକାଙ୍କ ଚିକିତ୍ସା କରାଯାଉଛି।

# ଉପଖଣ୍ଡର ୬ ପ୍ରତିଭା ସମ୍ବର୍ଦ୍ଧିତ

**ବଇଣ୍ଡା,୧୫।୫(ଡି.ଏନ.ଏ.)**

କିଶୋରନଗର ବ୍ଲକ ବଏଜାଠାରେ ଥିବା ଭୀମ ଭୋଇ ସାହିତ୍ୟ ପରିଷଦ ପକ୍ଷରୁ କଟକସ୍ଥିତ ସାରଳା ଭବନ ପରିସରରେ ଆୟୋଜିତ ରାଜ୍ୟସ୍ତରୀୟ ସାହିତ୍ୟ ଓ ଆଧ୍ୟାତ୍ମିକ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଚଳଚ୍ଚିତ୍ର ନିଗମ ଅଧକ୍ଷ କୁନା ତ୍ରିପାଠୀ ଯୋଗଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ବ୍ୟଙ୍ଗକବି ଜ୍ଞାନ ହୋତା, ବ୍ରହ୍ମଚାରୀ ମାନସ ଚୈତନ୍ୟ ମହାରାଜ, ସାହିତ୍ୟିକା ପ୍ରତିଭା ମହାରଥୀ ଯୋଗଦେଇଥିଲେ। ଏହି ଅବସରରେ ଆଠମଲ୍ଲିକ ଉପଖଣ୍ଡର ୬ ପ୍ରତିଭା ସଂଗ୍ରାମ କେଶରୀ ପୃଷ୍ଟି, ଦେବରାଜ ନାୟକ, ରମେଶ ଦାସ, ଆଶିଷ ସିଂହ, ଅର୍ଜୁନ କୁମାର ସାହୁ, ରଣଜିତ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ଅତିଥିମାନେ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ

**ପାଲଲହଡ଼ା,୧୫।୫(ଡି.ଏନ.ଏ.)**

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପାଲଲହଡାଠାରେ ସାମେଶ୍ୱର ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ବ୍ଲକସ୍ତରୀୟ କବି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଉତ୍ସବକୁ ପ୍ରଧାନ ଆଚାର୍ଯ୍ୟ ଉଦ୍‌ଘାଟନ କରିଥିବାବେଳେ ବିଧାୟକ ମୁକେଶ କୁମାର ପାଲ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସଂସଦ ସଭାପତି ବେଣୁଧର ସାହୁ ସଭାପତିତ୍ୱ କରିଥିଲେ। କବି ସୁପ୍ରଭା ବିଶ୍ୱାଳ, କବି ପ୍ରତାପ ଦ୍ୱିବେଦୀ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଏହି ଅବସରରେ ସଂସଦର ମୁଖପତ୍ର ରାଧାମାଧବ ଏବଂ କବି ପ୍ରତାପ ଦ୍ୱିବେଦୀଙ୍କ ସ୍ୱରଚିତ ଶିଶୁ ସାହିତ୍ୟ ପତ୍ରିକା ଫେରିଆ ମୋ ସୁନା ଚଢ଼େଇକୁ ବିଧାୟକ ପାଲ ଉନ୍ମୋଚନ କରିଥିଲେ। ବିଭିନ୍ନ ଅଞ୍ଚଳରୁ ଆସିଥିବା କବି କବିତା ପାଠ କରିବା ସହ ଓଡ଼ିଆ ସାହିତ୍ୟ, ସଂସ୍କୃତି, ପରମ୍ପରା କିପରି ଉଜ୍ଜୀବିତ ରହିବ ସେ ବିଷୟରେ ଆଲୋଚନା କରିଥିଲେ। କବି ଫକୀର ଦେହୁରୀ, ବୁଦ୍ଧଦେବ ସେଠୀ, ରାଜକିଶୋର ବେଜ, ପ୍ରତାପ ଦ୍ୱିବେଦୀଙ୍କ ସମେତ ମରଣୋତ୍ତର ଭାବେ କବି ତ୍ରିଲୋଚନ ପ୍ରଧାନଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ସଂସଦର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିବା ବେଳେ ବିଦ୍ୟାମନ୍ଦିର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। କବି ପ୍ରତିଭା ମିଶ୍ର କାର୍ଯ୍ୟକ୍ରମରେ ଧନ୍ୟବାଦ ଅର୍ପଣ କରିଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ୩ ଜଙ୍ଗଲରୁ ଅବାଧ କାଠ ଚାଲାଣ

**ବଇଣ୍ଡା,୧୫।୫(ଡି.ଏନ.ଏ.)**

■ପାଟ୍ରୋଲିଂ ହେଉ ନ ଥିବାରୁ ବଢ଼ୁଛି ଚୋରି

■ଜିଲାପାଳଙ୍କୁ ଅଭିଯୋଗ କଲେ ଗ୍ରାମବାସୀ

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଧଣ୍ଡାତୋପା ରେଞ୍ଜର ବିପ୍ରଡିହ, ମଇମୁରା, କେଞ୍ଝୁଆନାଳି ଜଙ୍ଗଲରୁ କିଛିଦିନ ହେବ ଅବାଧ କାଠଚାଲାଣ ହେଉଥିବା ନେଇ କେଞ୍ଝୁଆନାଳି ଗ୍ରାମବାସୀ ଶନିବାର ଅନୁଗୋଳ ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି। ଅଞ୍ଚଳବାସୀ ଦର୍ଶାଇଛନ୍ତି, ଧଣ୍ଡାତୋପା ରେଞ୍ଜରେ ଅନେକ ଘଞ୍ଚ ଜଙ୍ଗଲ ରହିଛି। ଆଠମଲ୍ଲିକ ବନଖଣ୍ଡର ପ୍ରମୁଖ ରେଞ୍ଜ ହୋଇଥିଲେ ମଧ୍ୟ ଏବେ ଏହି ରେଞ୍ଜରେ ଥିବା ଜଙ୍ଗଲଗୁଡିକ ଅସୁରକ୍ଷିତ ହୋଇପଡିଛି। ପ୍ରତ୍ୟେକ ଦିନ କାଠ ମାଫିଆମାନେ କଟର ସାହାଯ୍ୟରେ ମୂଲ୍ୟବାନ ଗଛ କାଟି ବାହାରକୁ ଚାଲାଣ କରୁଥିଲେ ମଧ୍ୟ ବନ ବିଭାଗ ସେମାନଙ୍କୁ ଧରିବାରେ ବିଫଳ ହୋଇଛି।

କେଞ୍ଝୁଆନାଳି ଜଙ୍ଗଲରେ ୧୯୯୪ ମସିହାରେ ୧୦ ହଜାର ଚାରା ଲଗାଯାଇଥିଲା। ସେହିପରି ବିପ୍ରଡିହ ଜଙ୍ଗଲରେ ୧୯୯୫ ମସିହାରେ ୮ ହଜାର ଶାଗୁଆନ, ଶିଶୁ, ପଟାସ ଓ ମଇମୁରା ଜଙ୍ଗଲରେ ୧୯୯୮ ମସିହାରେ ୧୨ ହଜାର ଚାରା ରୋପଣ କରାଯାଇଥିଲା। ସେହି ଗଛଗୁଡିକ ବଡ ହୋଇଯାଇଥିବାରୁ ଜଙ୍ଗଲ ଏବେ ପରିପୂର୍ଣ୍ଣ ହୋଇଯାଇଛି। ତେବେ ଉକ୍ତ ଜଙ୍ଗଲ ଉପରେ ଏବେ କାଠ ଚୋରଙ୍କ ନଜର ପଡିଛି। ଦୈନିକ ବିଳମ୍ବିତ ରାତିରେ ଶାଗୁଆନ, ଶିଶୁ, ପଟାସ ଆଦି ମୂଲ୍ୟବାନ ଗଛଗୁଡିକ କାଟି ନିଆଯାଉଛି। ଜଙ୍ଗଲରେ ତାହାକୁ ଗଣ୍ଡି କରାଯିବା ପରେ ସୁବିଧା ଦେଖି ସେଗୁଡିକ ଟ୍ରାକ୍ଟର ଯୋଗେ ଗୁପ୍ତ ଜାଗାକୁ ଆଣି ଗଚ୍ଛିତ କରି ରଖାଯାଉଛି। ଏହାପରେ ସୁବିଧା ସୁଯୋଗ ଦେଖି କରତ ସାହାଯ୍ୟରେ ପଟା କରି ବାହାରକୁ ଚାଲାଣ କରାଯାଉଛି। ବନ ବିଭାଗର କେତେଜଣ କର୍ମଚାରୀଙ୍କୁ ହାତ କରି ଏହି ଚୋରା ଚାଲାଣ ରିତିମତ ଜାରି ରହିଛି। ଉକ୍ତ ୩ ଜଙ୍ଗଲର ସୁରକ୍ଷା ପାଇଁ ବିଭାଗ ପକ୍ଷରୁ ବହୁ କର୍ମଚାରୀଙ୍କୁ ନିଯୁକ୍ତ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ବିଭାଗୀୟ କର୍ମଚାରୀମାନେ ଜଙ୍ଗଲରେ ରାତ୍ରି ପାଟ୍ରୋଲିଂ କରୁ ନ ଥିବାରୁ କାଠ ଚୋରମାନେ ନିୟମିତ କାଠ ଚୋରି କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ୩ ଜଙ୍ଗଲ ପଦା ହୋଇଯିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଏ ନେଇ ଧଣ୍ଡାତୋପା ରେଞ୍ଜର ବବ୍ରୁବାହନ ସାହୁ କହିଛନ୍ତି, ବନ ବିଭାଗ ପକ୍ଷରୁ ଉକ୍ତ ଜଙ୍ଗଲଗୁଡ଼ିକ ଉପରେ ୨୪ ଘଣ୍ଟିଆ ନଜର ରଖାଯାଇଛି। ସେଭଳି କୌଣସି କାଠ ଚାଲାଣ ହେଉଥିବା ମୋ ନିକଟରେ ସୂଚନା ନାହିଁ। ଖୁବ୍‌ଶୀଘ୍ର ତଦନ୍ତ କରାଯିବ।



ଜଙ୍ଗଲ ମଧ୍ୟରେ କାଠ କଟାଯାଇ ପକାଯାଇଛି।

